# ECHO OF HIS CALL

# ଆହ୍ୱାନର ପ୍ରତିଧ୍ୱନି

ODIA

India's National Spiritual Newspaper

₹ 10/-

REACHING NATIONS

Published monthly in ENGLISH, TAMIL, MALAYALAM, TELUGU, HINDI, KANNADA, MARATHI, BENGALI, GUJARATI, ODIYA, ASSAMESE, PUNJABI, NEPALI, URDU, SINHALA & AFRIKAN

Editor : S. SAM SELVA RAJ | 16 Languages | Associate Editor : Sis. SURAMA SAMUEL

Vol. XXVII YEAR OF OUR LORD JESUS CHRIST, 2025 MARCH No.01


## ପବିତ୍ର ବାଇବଲ

(ଏହି ଭାଗଟିକୁ ମୁଖସ୍ଥ କରନ୍ତୁ)

(ଗୀତସଂହିତା ୧୯:୧–୯)

୧ ଆକାଶମଣ୍ଡଳ ପରମେଶ୍ୱରଙ୍କ ଗୌରବ ବର୍ଣ୍ଣନା କରେ, ଶୂନ୍ୟମଣ୍ଡଳ ତାହାଙ୍କ ହସ୍ତକୃତ କର୍ମ ପ୍ରକାଶ କରେ ।

୨ ଦିବସ ଦିବସ ପ୍ରତି ବାକ୍ୟ ଉଚ୍ଚାରଣ କରେ ଓ ରାତ୍ରି ରାତ୍ରି ପ୍ରତି ଜ୍ଞାନ ପ୍ରକାଶ କରେ ।

୩ କୌଣସି ବାକ୍ୟ କି ଭାଷା ନ ଥାଏ, ସେମାନଙ୍କ ରବ ଶୁଣାଯାଇ ନ ପାରେ ।

୪ ସେମାନଙ୍କର ରଜ୍ଜୁ ସମୁଦାୟ ପୃଥିବୀରେ ଓ ସେମାନଙ୍କର ବାକ୍ୟ ଜଗତର ସୀମା ପର୍ଯ୍ୟନ୍ତ ବ୍ୟାପ୍ତ । ସେମାନଙ୍କ ମଧ୍ୟରେ ସେ ସୂର୍ଯ୍ୟ ନିମନ୍ତେ ଏକ ଆବାସ ସ୍ଥାପନ କରିଅଛନ୍ତି,

୫ ସେ ଆପଣା ଅନ୍ତଃପୁରରୁ ବାହାରି ଆସିବା ବର ତୁଲ୍ୟ ଓ ସେ ଆପଣା ପଥରେ ଦୌଡ଼ିବା ପାଇଁ ବୀର ତୁଲ୍ୟ ଆନନ୍ଦ କରେ ।

୬ ଆକାଶମଣ୍ଡଳର ପ୍ରାନ୍ତରୁ ତାହାର ଉଦୟ ଓ ତହିଁର ଅନ୍ୟ ପ୍ରାନ୍ତ ପର୍ଯ୍ୟନ୍ତ ତାହାର ଭ୍ରମଣ ହୁଅଇ, ପୁଣି, ତାହାର ଉତ୍ତାପରୁ କୌଣସି ବସ୍ତୁ ଗୁପ୍ତ ନ ଥାଏ ।

୭ ସଦାପ୍ରଭୁଙ୍କ ବ୍ୟବସ୍ଥା ସିଦ୍ଧ, ପ୍ରାଣର ସ୍ୱାସ୍ଥ୍ୟଜନକ, ସଦାପ୍ରଭୁଙ୍କ ପ୍ରମାଣବାକ୍ୟ ଅଟଳ, ଅଜ୍ଞ ବୁଦ୍ଧିର ଜ୍ଞାନଦାୟକ

୮ ସଦାପ୍ରଭୁଙ୍କର ବିଧିସବୁ ଯଥାର୍ଥ, ଚିତ୍ତର ଆନନ୍ଦଜନକ, ସଦାପ୍ରଭୁଙ୍କର ଆଜ୍ଞା ନିର୍ମଳ, ଚକ୍ଷୁର ଦୀପ୍ତିଦାୟକ ।

୯ ସଦାପ୍ରଭୁଙ୍କ ଭୟ ଶୁଚି, ସଦାକାଳସ୍ଥାୟୀ । ସଦାପ୍ରଭୁଙ୍କ ଶାସନସକଳ ସତ୍ୟ ଓ ସର୍ବତୋଭାବେ ନ୍ୟାଯ୍ୟ ।

# ଯିଶୀୟର ଗଣ୍ଡି !

STUMP OF JESSE!




ସମ୍ମାନୀୟା, ମୁଖ୍ୟ ସମ୍ପାଦିକା, ରେଭ. ଆଞ୍ଜେଲାଇନ୍ ସେଲ୍ଭାକୁମାରୀ




ଆମର ପ୍ରଭୁ ଓ ତ୍ରାଣକର୍ତ୍ତା, ଯୀଶୁ ଖ୍ରୀଷ୍ଟଙ୍କ ବହୁମୂଲ୍ୟ ନାମରେ ମୋର ସଂପ୍ରସାରିତ "ଆହ୍ୱାନର ପ୍ରତିଧ୍ୱନି" ପରିବାରକୁ ଅଭିବାଦନ !

ମୁଁ ଯିଶାଇୟ ୧୧ ଅଧ୍ୟାୟ ପାଠ କରୁଥିଲି । ଏହି ଅଧ୍ୟାୟ ଯୀଶୁ ଖ୍ରୀଷ୍ଟଙ୍କର ସେବାକାର୍ଯ୍ୟ ସମ୍ବନ୍ଧୀୟ ଏହାର ଭାବବାଣୀ ନିମନ୍ତେ ଅତି ପରିଚିତ । କିନ୍ତୁ, ମୁଁ ନିଜେ ନିର୍ଦ୍ଦିଷ୍ଟଭାବରେ ପ୍ରଥମ ପଦ ପ୍ରତି ଆକର୍ଷିତ ହୋଇଥିଲି :

"ଅନନ୍ତର ଯିଶୀୟର ଗଣ୍ଡିରୁ ଏକ ପଲ୍ଲବ ନିର୍ଗତ ହେବ ଓ ତାହାର ମୂଳରୁ ଏକ ଶାଖା ଉତ୍ପନ୍ନ ହୋଇ ଫଳ ଫଳିବ" (ଯିଶାଇୟ ୧୧:୧) ।

## ଗଣ୍ଡି !

'ଗଣ୍ଡି' ଶବ୍ଦଟି ମୋର ଦୃଷ୍ଟି ଆକର୍ଷଣ କରିଥିଲା । ଗୋଟିଏ ଗଣ୍ଡି ପ୍ରକୃତରେ କ'ଣ ଅଟେ ? ଗୋଟିଏ ଗଣ୍ଡି ସଂକ୍ଷିପ୍ତ ଭାବେ କଟାଯାଇଥିବା ଏକ ଜୀବନର ପ୍ରତିନିଧିତ୍ୱ କରେ, ଏହା ଦିନେ ବୃଦ୍ଧି ପାଉଥିବା ଅସ୍ତିତ୍ୱର ଆକସ୍ମିକ ସମାପ୍ତି ଅଟେ । ଏହା କ୍ଷୟର, ଏପରି କିଛି ବିଷୟର ଅବଶିଷ୍ଟାଂଶର ପ୍ରତୀକ ଅଟେ ଯାହା ଦିନେ ସମୃଦ୍ଧ ଥିଲା – ଯାହା ସମୃଦ୍ଧି


(ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ)





ଆହ୍ୱାନର ପ୍ରତିଧ୍ୱନିର

ୟୁ-ଟ୍ୟୁବ୍ ଖ୍ରୀଷ୍ଟିଆନ ଚ୍ୟାନେଲ !

ଆପଣମାନେ ପାଳକ ଏସ୍. ସାମ୍. ସେଲ୍ଭାରାଜ୍‌ଙ୍କ ସହିତ

୫ ମିନିଟ୍‌ର ବାର୍ତ୍ତା !!

ଇଂରାଜୀ, ହିନ୍ଦୀ, ତାମିଲ ଏବଂ ତେଲୁଗୁ

ପ୍ରତିଦିନ ଭୋର ୨ ଟାରେ

ତାମିଲ ରବିବାର ଉପାସନା – ସକାଳ ୮.୩୦ରେ

* Please Subscribe and Share *

ECHO OF HIS CALL - (1969-2019 GOLDEN JUBILEE YEAR)



# ଆପଣମାନଙ୍କର ପ୍ରିୟ ଭାଇଙ୍କଠାରୁ ...

"ତୁମ୍ଭେମାନେ ଆମ୍ଭମାନଙ୍କ ପରମେଶ୍ୱର ସଦାପ୍ରଭୁଙ୍କର ପ୍ରତିଷ୍ଠା କର ଓ ତାହାଙ୍କ ପାଦପୀଠରେ ପ୍ରଣାମ କର, ସେ ପବିତ୍ର ଅଟନ୍ତି" (ଗୀତସଂହିତା ୯୯:୫) ।



## ଆମର ମିଶନ ପଲିସୀ

ଆମେ ପ୍ରାଚୀନ ଓ ଆଦ୍ୟ ପ୍ରେରିତମାନଙ୍କର ଅମିଶ୍ରିତ ଶିକ୍ଷା ସମସାମୟିକ ଯୁଗକୁ ଜଣାଇବା ଉଚିତ ।

**ପ୍ରଭୁରେ ପ୍ରିୟ ବନ୍ଧୁଗଣ,**

ସଦାପ୍ରଭୁ ଏହି ବର୍ଷର ପ୍ରଥମ ଦୁଇ ମାସ ପର୍ଯ୍ୟନ୍ତ ଆମକୁ ଅନୁଗ୍ରହ ପୂର୍ବକ ଚଳାଇ ଆସିଅଛନ୍ତି । ଆମେ ତାଙ୍କୁ ସମସ୍ତ ଗୌରବ, ସମ୍ମାନ ଓ ପ୍ରଶଂସା ଦେଉଅଛୁ । ଆମେ ମୁଖ୍ୟ ମଣ୍ଡଳୀ ଓ କାର୍ଯ୍ୟାଳୟଠାରେ ଆମ ସେବାକାର୍ଯ୍ୟର ପ୍ରତ୍ୟେକ କ୍ଷେତ୍ରରେ ଈଶ୍ୱରଙ୍କର ପ୍ରଚୁର ଆଶୀର୍ବାଦ ନିମନ୍ତେ ତାଙ୍କୁ ଧନ୍ୟବାଦ ଦେଉଅଛୁ ।

ଆମେ ଚେପକସ୍ଥିତ ସନ୍ତୋଷପୁରମ ଓ ଭେଲାଚେରୀଠାରେ ଥିବା ଆମର ନିହିମିୟା ବାଇବଲ କଲେଜ ଓ ଆବାସିକ ହିନ୍ଦୀ ନିହିମିୟା କଲେଜ ନିମନ୍ତେ ଆପଣମାନଙ୍କର ପ୍ରାର୍ଥନା ଆବଶ୍ୟକ କରୁଅଛୁ । ଆଜିର ଜଗତରେ, ସେବାକାର୍ଯ୍ୟ ନିମନ୍ତେ ସମର୍ପିତ ବ୍ୟକ୍ତିମାନଙ୍କୁ ଖୋଜି ପାଇବା, କ୍ରମଶଃ ଆହ୍ୱାନମୂଳକ ଅଟେ । ସେଥିପାଇଁ, ସମର୍ପିତ ଛାତ୍ରମାନଙ୍କ ନିମନ୍ତେ ଆପଣମାନଙ୍କର ପ୍ରାର୍ଥନା ଏକାନ୍ତ ଆବଶ୍ୟକ ଅଟେ ।

ଆମର ମାସିକ ପତ୍ରିକା ୧୬ଟି ଭାଷାରେ ପ୍ରକାଶିତ ହେଉଅଛି ଓ ବିନାମୂଲ୍ୟରେ ବହୁଳ ଭାବରେ ବିତରଣ କରାଯାଉଛି । କିନ୍ତୁ, ଯୁବ ଗୋଷ୍ଠୀ ମଧ୍ୟରେ ଛାପା ପତ୍ରିକା ପଠନରେ ଆଗ୍ରହ କ୍ଷିପ୍ରଗତିରେ ହ୍ରାସ ପାଉଛି । ଆପଣମାନଙ୍କ ଆତ୍ମୀୟ ଓ ବନ୍ଧୁମାନଙ୍କ ନିକଟରେ ଆହ୍ୱାନର ପ୍ରତିଧ୍ୱନିକୁ ପରିଚିତ କରାଇ ଅଧିକ ଲୋକଙ୍କ ନିକଟରେ ପହଞ୍ଚିବାରେ ଆମକୁ ସାହାଯ୍ୟ କରିବା ଦ୍ୱାରା ଆମକୁ ସହାୟତା ଦେବା ପାଇଁ ଆମେ ଆପଣମାନଙ୍କୁ ଉତ୍ସାହିତ କରୁଅଛୁ ।

ଈଶ୍ୱରଙ୍କ ଅନୁଗ୍ରହରୁ, ଆମେ ୟୁ-ଟ୍ୟୁବରେ ଆମର ଆହ୍ୱାନର ପ୍ରତିଧ୍ୱନି ଦୈନିକ ଶାସ୍ତ୍ରପାଠ ଓ ଉପାସନାକୁ ଇଂରାଜୀ, ହିନ୍ଦୀ, ତାମିଲ ଓ ତେଲୁଗୁରେ ପ୍ରସାରଣ କରିବା ପାଇଁ ସମର୍ଥ ହୋଇଅଛୁ । ଏହା ସହିତ, ଆମର ରବିବାର ଉପାସନାଗୁଡ଼ିକ ମଧ୍ୟ 'ଆହ୍ୱାନର ପ୍ରତିଧ୍ୱନି ୟୁ-ଟ୍ୟୁବ୍' ଚ୍ୟାନେଲରେ ସିଧାସଳଖ ପ୍ରସାରିତ ହେଉଅଛି । ଆମେ ଏଗୁଡ଼ିକୁ ଦେଖିବା ପାଇଁ ଓ ଆଶୀର୍ବାଦ ପାଇବା ପାଇଁ ଆପଣମାନଙ୍କୁ ଆମନ୍ତ୍ରଣ କରୁଅଛୁ ।

ଦୟାକରି ଆମର "ଗ୍ଲୋବାଲ ଭିଜନ୍ ଫର୍ ୟୁଥ ଏଣ୍ଡ କିଡ୍ କେୟାର" ସେବାକାର୍ଯ୍ୟକୁ ଆପଣମାନଙ୍କର ପ୍ରାର୍ଥନାରେ ସ୍ମରଣ କରନ୍ତୁ । ଆପଣମାନେ ମଧ୍ୟ ବିନା ମୂଲ୍ୟରେ ଏହି ସେବାକାର୍ଯ୍ୟରେ ଯୋଗ ଦେଇପାରିବେ ।

ଆପଣମାନଙ୍କ ନିଜ ନିଜ ଅଞ୍ଚଳରେ ରହି ପ୍ରତିଦିନ ରାତି ୧୦ଟାରେ ସମଗ୍ର ଜଗତର ଯୁବା ଓ ପିଲାମାନଙ୍କ ନିମନ୍ତେ କେବଳ ପ୍ରାର୍ଥନା କରନ୍ତୁ । ଆପଣମାନଙ୍କ ମୋବାଇଲ ଫୋନ୍‌ରେ ଏକ ସ୍ମାରକ ବ୍ୟବସ୍ଥିତ କରନ୍ତୁ ଓ ପ୍ରାର୍ଥନା କରନ୍ତୁ :

**"ପ୍ରଭୋ, ସମଗ୍ର ପୃଥିବୀର ସମସ୍ତ ଯୁବକ, ଯୁବତୀ ଓ ପିଲାମାନଙ୍କୁ ସ୍ମରଣ କରନ୍ତୁ ।"**

ଏହି ସେବାକାର୍ଯ୍ୟ ୨ ବର୍ଷ ପୂର୍ବେ ଆରମ୍ଭ ହୋଇଥିବାରୁ, ଅନେକେ ଏଥିରେ ଯୋଗ ଦେଇଛନ୍ତି ଓ ଈଶ୍ୱର ସେମାନଙ୍କୁ ପ୍ରଚୁରଭାବେ ଆଶୀର୍ବାଦ କରିଛନ୍ତି । ଯଦି ଆପଣମାନେ ଏଥିରେ ଯୋଗ ଦେବା ପାଇଁ ଇଚ୍ଛୁକ ଅଟନ୍ତି, ତେବେ ଦୟାକରି ଆମକୁ ଜଣାନ୍ତୁ ।

ଆମେ ନିମ୍ନଲିଖିତ ସେବାକାର୍ଯ୍ୟଗୁଡ଼ିକ ପାଇଁ ମଧ୍ୟ ଆପଣମାନଙ୍କର ପ୍ରାର୍ଥନା ଆବଶ୍ୟକ କରୁଅଛୁ, ଯେଉଁଗୁଡ଼ିକ ଈଶ୍ୱରଙ୍କ ଅନୁଗ୍ରହରୁ ଅତି ଉତ୍ତମଭାବେ ପରିଚାଳିତ ହେଉଅଛି :

" ସେଣ୍ଟ ପଲସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲ, ସୁସମାଚାର ଛାପା କଳ, ବାଇବଲକୋର (ଇଂରାଜୀ, ତାମିଲ ଓ ହିନ୍ଦୀରେ ବାଇବଲ କରେସପଣ୍ଡେନ୍ସ ପାଠ୍ୟକ୍ରମ) ।

ଆମେ ଆପଣମାନଙ୍କର ଉତ୍ସାହପୂର୍ଣ୍ଣ ପ୍ରାର୍ଥନା ଓ ଅର୍ଥନୈତିକ ସହାୟତା ନିମନ୍ତେ ଗଭୀରଭାବେ କୃତଜ୍ଞ ଅଟୁ । ଈଶ୍ୱର ନିଜର ମହାଦୟାରେ ଆପଣମାନଙ୍କୁ ପ୍ରଚୁରଭାବେ ଆଶୀର୍ବାଦ କରନ୍ତୁ ।

My son, Pastor Alex Samson Sam, entered the Kingdom of the Lord on February 13th, 2025.

**ଖ୍ରୀଷ୍ଟ ଯୀଶୁରେ ଆପଣମାନଙ୍କର ସେବକଗଣ,**

ପାଳକ ଆଲେକ୍ସ ସାମ୍ସନ୍ ସାମ୍

ପାଳକ ଏସ୍.ସାମ୍.ସେଲ୍ଭାରାଜ

(+91) 98412 71858 / 98410 71858, E.mail : sam@echoofhiscall.org

HON. EDITOR-IN-CHIEF
Rev. Angeline S. Kumari, M.A., M.Sc., M.Ed.
HON. MANAGING EDITOR
Pastor Alex Samson Sam, B.Th., M.Div.
GENERAL MANAGER
Bro. N. Prakasam, M.A., M.Sc.(C&P), PG DHRM., MBA.
ADMINISTRATION
Sis. Jesy Veena Sam
Adv. K. Puratchivendan, M.Com., C.A., B.L.
Dr. P.E.R. Premchand, M.Sc., M.A., M.Ed., Ph.D.
Dr. C.G.S. Baburao, B.Tech., M.Tech.(DM), Ph.D.
Dr. Rabinder Boaz, M.S.(CMC)
EDITORIAL BOARD
Dr. Serena Bevin, M.A., M.Phil., B.Ed.
Sis. Sajini Cherian
Rev. Dr. K.R. Rajasekaran
Rev. Dr. William Robert, Ph.D., DD, D.Lit.

EDITOR, PUBLISHER & PRINTER
Pastor S. SAM SELVA RAJ
Echo of His Call Printers
10, Mohammed Abdullah 2nd Street,
Chepauk, Chennai - 600 005, India.
Phone : (+91- 44) 2852 8282, 2852 9293, 2854 7766
Cell : (+91) 98410 71852, 98412 71858
95661 31858
E.MAIL
sam@echoofhiscall.org
biblecor@yahoo.co.in
WEBSITES
www.echoofhiscall.org
www.stpaulsmatriculation.com
YOUTUBE CHANNEL
Echo of His Call

Our Ministries: ECHO OF HIS CALL Monthly Magazines (16 languages) BIBLECOR - Postal Courses (3 languages) YouTube Ministry Online Courses Theological Correspondence Courses (2 languages) Church Planting Nehemiah Bible Colleges Gospel Printing Press Great Commission Partners St. Paul's Matriculation School Crusades Community Development

## ଦୟାକରି ଧ୍ୟାନ ଦିଅନ୍ତୁ : ଆହ୍ୱାନର ପ୍ରତିଧ୍ୱନିର ପାଠକଗଣ

ଆହ୍ୱାନର ପ୍ରତିଧ୍ୱନି ୟୁ-ଟ୍ୟୁବ୍ ବାର୍ତ୍ତା ପ୍ରତିଦିନ ଭୋର ୭ଟାରେ ତାମିଲ, ତେଲୁଗୁ, ଇଂରାଜୀ ଓ ହିନ୍ଦୀ ଭାଷାରେ ପ୍ରସାରିତ ହେଉଅଛି । ଆପଣମାନେ ବାର୍ତ୍ତାଗୁଡ଼ିକୁ ଶୁଣିବା ଦ୍ୱାରା ଈଶ୍ୱରଙ୍କ ଅନୁଗ୍ରହ ପାଇପାରିବେ । ଅଧିକନ୍ତୁ, ଆପଣମାନଙ୍କ ମୋବାଇଲ୍ ଫୋନ୍‌ରେ ମୋର ମୋବାଇଲ ନମ୍ବର (+୯୧) ୯୮୪୧୦୭୧୮୫୮, (+୯୧) ୯୮୪୧୨୭୧୮୫୮ (ବ୍ୟକ୍ତିଗତ) ସଂରକ୍ଷିତ ରଖନ୍ତୁ ।

ପାଳକ ଏସ୍.ସାମ୍.ସେଲଭାରାଜ୍

(୧ମ ପୃଷ୍ଠାର ଅବଶିଷ୍ଟାଂଶ)

ଚାଲିଯିବା ପରେ ବର୍ତ୍ତମାନ ଅବଶିଷ୍ଟ ହୋଇ ରହିଯାଇଛି । ଏହା ଅନ୍ତିମ ଭାଗର ଏକ ଚିତ୍ର ଅଟେ : ନିର୍ଜୀବ, ଅବଶିଷ୍ଟାଂଶ ଓ ଏକ ଭବିଷ୍ୟତ୍‌ବିହୀନ ସ୍ଥିତି । ଯାହା ଥିଲା, ଯାହା କ୍ଷୟ ପାଇବାକୁ ଯାଉଛି ଓ ଯାହା ଶେଷରେ ଅଦୃଶ୍ୟ ହୋଇଯିବ, ତାହାକୁ ଗୋଟିଏ ଗଣ୍ଡି ଦର୍ଶାଇଥାଏ ।

ଏହି ପଦ ଦାଉଦଙ୍କର ସେହି ରାଜକୀୟ ବଂଶକୁ ଉଲ୍ଲେଖ କରିଛି ଯାହା ଏକ ଅବଶିଷ୍ଟାଂଶକୁ ଏକ ଗଣ୍ଡିକୁ ହ୍ରାସ ପାଇଥିଲା । ଅବଶିଷ୍ଟାଂଶ ବଞ୍ଚିଯାଇଥିବା ଲୋକମାନେ ଯେଉଁମାନେ କ୍ଲେଶ ସହ୍ୟ କରିଛନ୍ତି, ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହୋଇଛନ୍ତି ଓ ସ୍ଥିର ହୋଇ ରହିଛନ୍ତି । ଯିଶାଇୟ ୧୧:୧ ସେହି ବିଷୟର ଏକ ପ୍ରତିଜ୍ଞା ଅଟେ ଯାହା ଈଶ୍ୱର ନିଜର ବିଶ୍ୱସ୍ତ ଅବଶିଷ୍ଟାଂଶଙ୍କ ନିମନ୍ତେ କରିବା ପାଇଁ ଇଚ୍ଛା କରନ୍ତି : ଯେଉଁମାନେ ପ୍ରତ୍ୟେକ ଝଡ଼ ମଧ୍ୟରେ ଯୀଶୁ ଖ୍ରୀଷ୍ଟଙ୍କ ମୂଳଦୁଆ ଉପରେ ଦୃଢ଼ ଭାବରେ ଠିଆ ହୋଇ ତାଙ୍କୁ ଧରି ରଖୁଥା'ନ୍ତି ।

ଦାଉଦ ଓ ତାଙ୍କର ବଂଶଧରମାନେ ଯେପରି ଚିରଦିନ ପାଇଁ ସିଂହାସନ ଉପରେ ବସି ରାଜତ୍ୱ କରିବେ, ଏହା ଈଶ୍ୱରଙ୍କର ମୂଳ ଯୋଜନା ଥିଲା । ମାତ୍ର ଇତିହାସ ଏକ ଭିନ୍ନ କାହାଣୀ କହିଛି । ୨ ରାଜାବଳି ୨୪ ଓ ୨୫ରେ, ଆମେ ଏହା ଜାଣୁ ଯେ ଯିହୁଦାର ଶେଷ ରାଜା, ସିଦିକିୟ (ଯାହାଙ୍କର ନାମର ଅର୍ଥ ହେଉଛି, "ଈଶ୍ୱରଙ୍କର ଦାନ"), ନବୂଖଦ୍‌ନିତ୍ସରଙ୍କ ଦ୍ୱାରା ବନ୍ଦୀ ହୋଇଥିଲେ ଓ ଏହିପରି ଭାବରେ ଦାଉଦଙ୍କ ବଂଶର ରାଜକୀୟ କର୍ତ୍ତୃତ୍ୱ ସମାପ୍ତ ହୋଇଥିଲା । ପ୍ରାୟ ୬୦୦ ବର୍ଷ ପର୍ଯ୍ୟନ୍ତ ଇସ୍ରାଏଲରେ କୌଣସି ରାଜା ନ ଥିଲେ ।

ଏହି ନୀରବତାର ସମୟ ମଧ୍ୟରେ, ଏପରି ମନେ ହେଉଥିଲା ଯେପରି ଈଶ୍ୱର ନିଜର ପ୍ରତିଜ୍ଞା ଭୁଲି ଯାଇଥିଲେ । ମାତ୍ର ଈଶ୍ୱର ଅବିଶ୍ୱସ୍ତ ନ ଥିଲେ, ସେ ନିଜର ନିରୂପିତ ସମୟକୁ ଅପେକ୍ଷା କରୁଥିଲେ । ଇସ୍ରାଏଲର ଲୋକମାନେ ଯିହୁଦାର ରାଜାଙ୍କ ଆଗମନ ପାଇଁ ଅତି ଆଗ୍ରହର ସହିତ ଅପେକ୍ଷା କରୁଥିଲେ । ପୁଣି ଏହାପରେ, ସମୟ ସଂପୂର୍ଣ୍ଣ ହେବାରୁ, ଈଶ୍ୱର ଏହା ଘୋଷଣା କରିଥିଲେ ଯେ ଯିଶୟଙ୍କ ଗଣ୍ଡିରୁ ଏକ ପଲ୍ଲବ ଅଙ୍କୁରିତ ହେବ ।

## ପଲ୍ଲବ

କିପରି ଗୋଟିଏ ମୃତ ଗଣ୍ଡିରୁ ଜୀବନ ଅଙ୍କୁରିତ ହୋଇ ପାରିଥିଲା ? ଏହା ଅସମ୍ଭବ ମନେ ହେଉଥିଲା । ମାତ୍ର ଈଶ୍ୱରଙ୍କ ନିକଟରେ, ସର୍ବାଧିକ ନୈରାଶ୍ୟଜନକ ପରିସ୍ଥିତି ମଧ୍ୟ ପୁନର୍ଜୀବିତ ହୋଇପାରେ । ଯାହା ଇସ୍ରାଏଲର ସମାପ୍ତି ବୋଲି ମନେ ହେଉଥିଲା - ଯେଉଁ ଶକ୍ତିଶାଳୀ ରାଜ୍ୟ ଏକ ନିର୍ଜୀବ ଅବଶିଷ୍ଟାଂଶକୁ ହ୍ରାସ ପାଇଥିଲା - ତାହା ଯୀଶୁ ଖ୍ରୀଷ୍ଟଙ୍କ ଜନ୍ମ ମାଧ୍ୟମରେ ଈଶ୍ୱରଙ୍କ ସଫଳତା ପାଇଁ ଏକ ମଞ୍ଚରେ ପରିଣତ ହୋଇଥିଲା ।

ଯେଉଁ ଇସ୍ରାଏଲୀୟମାନେ ମସୀହଙ୍କୁ ସେମାନଙ୍କର ଅତ୍ୟାଚାରୀମାନଙ୍କୁ କ୍ଷମତାଚ୍ୟୁତ କରିବା ପାଇଁ ପ୍ରସ୍ତୁତ ରହିଥିବା ଏକ ଶକ୍ତିଶାଳୀ ଓ ପରାକ୍ରମୀ ରାଜା ଭାବରେ କଳ୍ପନା କରିଥିଲେ, ସେମାନଙ୍କ ପ୍ରତ୍ୟାଶାର ବିପରୀତରେ ଯୀଶୁ ଗୋଟିଏ ପଶୁଶାଳାରେ ଜନ୍ମ ହୋଇ, ଦୀନହୀନ ଭାବରେ ଆସିଥିଲେ । ବେଳେ ବେଳେ ଈଶ୍ୱରଙ୍କ ପ୍ରତିଜ୍ଞା ଏପରି ଭାବରେ ଉନ୍ମୋଚିତ ହୁଏ ଯାହା ମାନବ ପ୍ରତ୍ୟାଶାକୁ ଖଣ୍ଡନ କରେ । ତଥାପି ତାଙ୍କର ଯୋଜନାଗୁଡ଼ିକ ସର୍ବଦା ତ୍ରୁଟିଶୂନ୍ୟ ଅଟେ ।

ଯିଶୟର ଗଣ୍ଡିରୁ ଏକ ପଲ୍ଲବ ଅଙ୍କୁରିତ ହୋଇଛି - ଏହା ନୂତନ ଜୀବନ, ଆଶା ଓ ପୁନରୁତ୍ଥାନର ଏକ ପ୍ରତୀକ ଅଟେ ।

## ପଲ୍ଲବ ଉପରେ ଅନୁଚିନ୍ତା

ଆମେ ପଲ୍ଲବକୁ (ଇଂରାଜୀରେ SHOOT) ଏକ ଶବ୍ଦ ଧାରା ଭାବରେ ବ୍ୟବହାର କରି ଗଣ୍ଡିରୁ ଅଙ୍କୁରିତ ପଲ୍ଲବର ଦୃଷ୍ଟାନ୍ତ ଉପରେ ଚିନ୍ତା କରିପାରିବା ।

### S→ ଜୀବନର ଉତ୍ସ

### 1. SOURCE OF PROMISES:

ଆମର ଈଶ୍ୱର ପ୍ରତିଜ୍ଞାର ଈଶ୍ୱର ଅଟନ୍ତି । ସେ ନିୟମ (ଚୁକ୍ତି) କରନ୍ତି ଓ ନିଜ ବାକ୍ୟରୁ ପଛଘୁଞ୍ଚା ଦିଅନ୍ତି ନାହିଁ । ଯେତେବେଳେ ଆମର ମୂଳଦୁଆ ତାଙ୍କ ପ୍ରତିଜ୍ଞା ଉପରେ ନିର୍ମିତ ହୋଇଥାଏ, ସେତେବେଳେ ତାଙ୍କର ପ୍ରତିଜ୍ଞାଗୁଡ଼ିକ ଯୀଶୁ ଖ୍ରୀଷ୍ଟଙ୍କଠାରେ "ହଁ" ଓ "ଆମେନ୍" ହୋଇଥିବାରୁ ଆମେ ସର୍ବତୋଭାବେ ବିଜୟୀ ହେଉ । ଈଶ୍ୱର ତାଙ୍କର ବାକ୍ୟକୁ ଆଦୌ ଭୁଲନ୍ତି ନାହିଁ । ସେ ତାଙ୍କର ପ୍ରତିଜ୍ଞାଗୁଡ଼ିକୁ ଅନପେକ୍ଷିତ ସମୟରେ ମଧ୍ୟ ସଫଳ କରନ୍ତି, କାରଣ ସେ ବିଶ୍ୱସ୍ତ ପ୍ରତିଜ୍ଞା-ରକ୍ଷାକାରୀ ଅଟନ୍ତି ।

ସେ ଦାଉଦଙ୍କ ନିକଟରେ କରିଥିବା ପ୍ରତିଜ୍ଞାକୁ ରକ୍ଷା କରିଥିଲେ : "ପୁଣି ତୁମ୍ଭ ବଂଶ ଓ ତୁମ୍ଭ ରାଜତ୍ୱ ତୁମ୍ଭ ସମ୍ମୁଖରେ ଅନନ୍ତକାଳ ସ୍ଥିରୀକୃତ ହେବ, ତୁମ୍ଭର ସିଂହାସନ ଅନନ୍ତକାଳସ୍ଥାୟୀ ହେବ" (୨ ଶାମୁୟେଲ ୭:୧୬) ।

କିଛି ସମୟ ପାଇଁ, ଏପରି ମନେ ହେଉଥିଲା ଯେପରି ସେ ନିଜର ପ୍ରତିଜ୍ଞାକୁ ଭୁଲି ଯାଇଥିଲେ, କାରଣ ସିଂହାସନ

**Statement about ownership and other particulars about the Newspaper Echo of His Call (Odia) - Form IV**
**(See Rule 8)**

| | | |
|---|---|---|
| 1. Place of Publication | : | **New No. 8 & 10, Old No. 18 & 19, Mohammed Abdullah 2nd Street, Chepauk, Chennai - 600 005.** |
| 2. Periodicity | : | **Monthly** |
| 3. Printer, Editor, Owner & Publisher | : | **S. Sam Selva Raj** (Same Address) |
| 4. Nationality | : | **Indian** |

I, **S. Sam Selva Raj** hereby declare that the particulars given above are true to the best of my knowledge and belief.

**March 2025** **S. Sam Selva Raj.**

ଉପରେ ଦାଉଦଙ୍କ ବଂଶର କୌଣସି ରାଜା ନ ଥିଲେ । କିନ୍ତୁ, ଏକ ଅପ୍ରତ୍ୟାଶିତ ସମୟରେ, ଈଶ୍ୱରଙ୍କ ବାକ୍ୟକୁ ସଫଳ କରି ଗଣ୍ଡିରୁ ଏକ ପଲ୍ଲବ ଅଙ୍କୁରିତ ହୋଇଥିଲା ।

"... ଆମ୍ଭେ ଯାହା ତୁମ୍ଭକୁ କହିଅଛୁ, ତାହା ସଫଳ ନ କରିବା ପର୍ଯ୍ୟନ୍ତ ଆମ୍ଭେ ତୁମ୍ଭକୁ ପରିତ୍ୟାଗ କରିବା ନାହିଁ" (ଆଦିପୁସ୍ତକ ୨୮:୧୫) ।



ଈଶ୍ୱର ପ୍ରତିଜ୍ଞା କରିଥିଲେ – ଅବ୍ରହାମଙ୍କର ବଂଶଧରମାନେ ତାରାଗଣ ସଦୃଶ ଅସଂଖ୍ୟ ହେବେ ।

ଆଦିପୁସ୍ତକ ୨୨ରେ, ଈଶ୍ୱର ଅବ୍ରହାମଙ୍କ ନିକଟରେ ଏହି ପ୍ରତିଜ୍ଞା କରିଥିଲେ ଯେ ତାଙ୍କର ବଂଶଧରମାନେ ତାରାଗଣ ସଦୃଶ ଅସଂଖ୍ୟ ହେବେ । କିନ୍ତୁ, ଯେତେବେଳେ ଈଶ୍ୱର ତାଙ୍କର ପ୍ରତିଜ୍ଞାତ ପୁତ୍ର ଇସ୍ହାକଙ୍କୁ ହୋମବଳି ଭାବରେ ଉତ୍ସର୍ଗ କରିବା ପାଇଁ କହିଥିଲେ, ସେତେବେଳେ ଅବ୍ରହାମଙ୍କ ବିଶ୍ୱାସ ପରୀକ୍ଷିତ ହୋଇଥିଲା । ଅବ୍ରହାମ ଛୁରୀ ଉଠାଇବା ମାତ୍ରେ, ଈଶ୍ୱର ଇସ୍ହାକଙ୍କ ପ୍ରତି ବଦଳରେ ଏକ ମେଷ ଯୋଗାଇଥିଲେ । ଏହି କାହାଣୀ ଏହା ପ୍ରଦର୍ଶନ କରେ ଯେ ଈଶ୍ୱର ସେତେବେଳେ ମଧ୍ୟ ନିଜର ପ୍ରତିଜ୍ଞାଗୁଡ଼ିକୁ ରକ୍ଷା କରିବା ପାଇଁ ବିଶ୍ୱସ୍ତ ଅଟନ୍ତି ଯେତେବେଳେ ପରିବେଶଗୁଡ଼ିକ ସେଗୁଡ଼ିକ ଅସମ୍ଭବ କରିଦେବା ଭଳି ମନେହୁଏ ।

ଆଜି ହିଁ ତାଙ୍କ ପ୍ରତିଜ୍ଞାଗୁଡ଼ିକୁ ଦାବୀ କରନ୍ତୁ !

## H→ ଆଶା

## 2. HOPE RESTORED!

ଯୀଶୁ ଖ୍ରୀଷ୍ଟଙ୍କର ବାର୍ତ୍ତା ଏକ ଆଶାର ବାର୍ତ୍ତା ଅଟେ – ପ୍ରତ୍ୟେକଙ୍କ ପାଇଁ ଆଶାର ବାର୍ତ୍ତା । ନୈରାଶ୍ୟଜନକ ପରିସ୍ଥିତିରେ ମୁଦ୍ଧା ଏହା ଆଶାର ବାର୍ତ୍ତା ଦିଏ । ସମଗ୍ର ପୃଥିବୀରେ ଲୋକମାନେ ସେମାନଙ୍କ ସଂପର୍କରେ, ଅର୍ଥନୀତିରେ, ଭବିଷ୍ୟତରେ, ଚାକିରୀରେ ଓ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ, ନିଜ ନିଜଠାରେ ଆଶା ହରାଇ ଦେଉଥିବାରୁ ସଂଘର୍ଷ କରୁଛନ୍ତି । ଯୀଶୁ ଖ୍ରୀଷ୍ଟ ଯେ ନିର୍ଜୀବ ପରିସ୍ଥିତି ନିକଟକୁ ଆଶା ଫେରାଇ ଆଣନ୍ତି – ଏହା ଏକ ସୁସମ୍ବାଦ ଅଟେ ।

ଯେପରି ଗୋଟିଏ ପଲ୍ଲବ ଏକ ମୃତ ଗଣ୍ଡିରୁ ଅଙ୍କୁରିତ ହୋଇପାରେ, ସେହିପରି ଯୀଶୁ ଖ୍ରୀଷ୍ଟ ନିର୍ଜୀବ ପରିବେଶଗୁଡ଼ିକୁ ନୂତନ ଜୀବନର ଉତ୍ସ ମଧ୍ୟକୁ ପରିବର୍ତ୍ତନ କରିପାରନ୍ତି । ଯୀଶୁଙ୍କ ଉତ୍ତର ଗୋଟିଏ ମୁଖ୍ୟ ବାର୍ତ୍ତା ଏହା ଅଟେ : ଆଶା । ଦିନେ ନିର୍ଜୀବ ଓ ଆଶାହୀନ ହୋଇ ରହିଥିବା ଗଣ୍ଡି ଏକ ପଲ୍ଲବ – ଏକ ନୂତନ ଜୀବନରେ ପ୍ରକାଶିତ ହେବ !

ଏହି ଗଣ୍ଡି ଦିନେ ଫୁଲ, ପତ୍ରରେ ପରିପୂର୍ଣ୍ଣ ଥିଲା, ଏହାର ଶାଖାଗୁଡ଼ିକରେ ପକ୍ଷୀମାନେ ବସା ବାନ୍ଧିଥିଲେ ଓ ଏହା ଛାୟା ଓ ସୁରକ୍ଷା ପ୍ରଦାନ କରୁଥିଲା । ମାତ୍ର ବର୍ତ୍ତମାନ ଏହା ଭଗ୍ନ, ଶୂନ୍ୟ ଓ ନିର୍ଜୀବ ହୋଇ ପିଆ ହୋଇଛି । ଏହା ଅଦରକାରୀ, ଉଦ୍ଦେଶ୍ୟବିହୀନ ଓ କ୍ଷୟଶୀଳ ମନେହେଉଛି । ତଥାପି ଏହି ପରିତ୍ୟକ୍ତ ସ୍ଥିତି ମଧ୍ୟରୁ ଏକ ପଲ୍ଲବ – ଜୀବନରେ ପରିପୂର୍ଣ୍ଣ ଏକ ଶାଖା ଅଙ୍କୁରିତ ହେବ ।



ସାରୀଫଥ୍‌ର ବିଧବା କାଠ ସାଉଁଣ୍ଟୁ ଅଛି !

ଏକ ଭୟଙ୍କର ଦୁର୍ଭିକ୍ଷ ସମୟରେ, ସାରୀଫଥ୍‌ର ବିଧବା ନିଜେ ଓ ତା'ର ପୁତ୍ର ମୃତ୍ୟୁବରଣ କରିବା ପୂର୍ବରୁ ଏକ ଅନ୍ତିମ ଖାଦ୍ୟ ପ୍ରସ୍ତୁତ କରିବା ପାଇଁ କାଠ ସଂଗ୍ରହ କରୁଥିଲା । ଏଲୀୟଙ୍କ ଅନୁରୋଧ ଯୋଗୁ, ସେ ତାଙ୍କ ନିମନ୍ତେ ରୋଟୀ ପ୍ରସ୍ତୁତ କରିବା ପାଇଁ ନିଜର ଶେଷ ମଇଦା ଓ ତେଲ ବ୍ୟବହାର କରିଥିଲା । ଆଶ୍ଚର୍ଯ୍ୟଜନକ ଭାବରେ, ଈଶ୍ୱର ତା'ର ପରିବାର ପାଇଁ ଖାଦ୍ୟ ଯୋଗାଇ ଥିଲେ ଓ ତା'ର ମଇଦା ପାତ୍ର ଓ ତୈଳପାତ୍ର ଆଉ ଶୁଷ୍କ ହୋଇ ନ ଥିଲା ।

ଈଶ୍ୱର ସର୍ବାଧିକ ନୈରାଶ୍ୟଜନକ ପରିସ୍ଥିତିରେ ଠିକ୍ ସେହିପରି ଆଶା ଓ ପୋଷଣର ପୁନଃରୁଦ୍ଧାର କରନ୍ତି ଯେପରି ସେ ଏକ ନିର୍ଜୀବ ଗଣ୍ଡିରୁ ପଲ୍ଲବକୁ ଅଙ୍କୁରିତ କରନ୍ତି – ଉପରୋକ୍ତ କାହାଣୀ (୧ ରାଜାବଳୀ ୧୭:୭–୧୬) ଏହାର ଏକ ଦୃଷ୍ଟାନ୍ତ ଅଟେ ।

ଆପଣଙ୍କର ପରିସ୍ଥିତି ଯେତେ ନୈରାଶ୍ୟଜନକ ମନେ ହେଲେ ମୁଦ୍ଧା, ଯୀଶୁଙ୍କ ଠାରେ ବିଶ୍ୱାସ କରନ୍ତୁ । ସେ ପ୍ରତିଜ୍ଞାଗୁଡ଼ିକର ଉତ୍ସ ଓ ଆଶାର ପୁନଃରୁଦ୍ଧାରକାରୀ ଅଟନ୍ତି ।

### ଈଶ୍ୱରଙ୍କର ପୁନରୁଦ୍ଧାର ଓ ନୂତନ ଆରମ୍ଭ ! ଈଶ୍ୱର ଆଶା ଫେରାଇ ଆଣନ୍ତି :

ଈଶ୍ୱର ଅନ୍ୟମାନଙ୍କ ନିମନ୍ତେ ଯେପରି କରିଥିଲେ, ଆମ ଜୀବନରେ ମଧ୍ୟ ସେହିପରି କରିପାରନ୍ତି – ନୈରାଶ୍ୟଜନକ ପରିସ୍ଥିତିକୁ ଆନନ୍ଦ ଓ ପୁନଃରୁଦ୍ଧାରର ଉତ୍ସରେ ପରିବର୍ତ୍ତନ କରନ୍ତି । ଯେଉଁ ବିଧବା ଈଶ୍ୱରଙ୍କ ପାଦ ନିକଟକୁ ନିଜର କ୍ଲେଶଗୁଡ଼ିକୁ ଆଣିଥିଲା, ତାହାରି ପରି ଆମକୁ ମଧ୍ୟ ଯୀଶୁ ଖ୍ରୀଷ୍ଟଙ୍କ ନିକଟରେ ଆମର ଭାରଗୁଡ଼ିକୁ ସମର୍ପଣ କରିବାକୁ ହେବ । ଯେତେବେଳେ ଆମେ ତାଙ୍କୁ ସବୁ କିଛି ଦେଇ ଦେଉ, ସେତେବେଳେ ସେ ଆମର ଦୁଃଖକୁ ଆନନ୍ଦରେ ପରିଣତ କରନ୍ତି ଓ ଆମର ଆଶାକୁ ଫେରାଇ ଆଣନ୍ତି । ଯେଉଁ ଆଶା ହଜିଯାଇଛି ବୋଲି ଆମେ ଭାବିଥିଲୁ, ତାହା ଯୀଶୁ ଖ୍ରୀଷ୍ଟଙ୍କ ନାମରେ ନୂତନୀକୃତ ହୋଇପାରିବ ।

## O→ କ୍ଷତି ପୂରଣକାରୀ

## 3. OVERCOMER OF LOSS!

ଈଶ୍ୱର ଆମକୁ ପରିବେଶର ଶୀକାର ହୋଇ ରହିବା ପାଇଁ ନୁହେଁ, ମାତ୍ର ବିଜୟୀ ଭାବରେ ଉଠିବା ପାଇଁ ଆହ୍ୱାନ କରିଛନ୍ତି । ଏହି ବର୍ଷଟି ଆପଣଙ୍କ ନିମନ୍ତେ ଯେପରି ହୋଇଥାଉ କିମ୍ବା ଆପଣ ଅତୀତରୁ ଏପର୍ଯ୍ୟନ୍ତ ଯେଉଁ ଭାର ବହନ କରିଥା'ନ୍ତୁ, ମାତ୍ର ଏହା ମନେରଖନ୍ତୁ : ଯାହା ଭଗ୍ନ ହୋଇଛି କିମ୍ବା ହଜି ଯାଇଛି, ତାହାକୁ ଯୀଶୁ ଖ୍ରୀଷ୍ଟ ଫେରାଇ ଆଣନ୍ତି । ସେ ପିତାଙ୍କ ସହିତ ଆମର ମିଳନ କରାନ୍ତି କାରଣ ସେ ପୁନଃରୁଦ୍ଧାର ଓ ପୁନର୍ମିଳନର ଈଶ୍ୱର ଅଟନ୍ତି ।

ଆପଣ ଅବାଧ୍ୟତା, ପାପ କିମ୍ବା ଈଶ୍ୱରଙ୍କଠାରୁ ଦୂର ହୋଇ ଯାହା କିଛି ହରାଇ ଥାଆନ୍ତୁ ନା' କାହିଁକି – ସେ ଏହାକୁ ଫେରାଇ ଆଣିପାରିବେ । ଯଦି ସେ ନିଜର ବଳିଦାନ ମାଧ୍ୟମରେ ପିତାଙ୍କ ସହିତ ଆମ ସଂପର୍କକୁ ଫେରାଇ ଆଣିଥିଲେ, ତେବେ ସେ ଆମ ଜୀବନର ଅନ୍ୟ ବିଷୟଗୁଡ଼ିକୁ କେତେ ଅଧିକ ଭାବେ ଫେରାଇ ଆଣିବେ ! ଯୀଶୁ ଖ୍ରୀଷ୍ଟ ମୃତ୍ୟୁବରଣ କରିବାକୁ ଆସିଥିଲେ ଯେପରିକି ଆମେ ଈଶ୍ୱରଙ୍କ ସହିତ ପୁନର୍ମିଳିତ ହୋଇପାରିବା । ଆପଣ ଯାହା କିଛି ହରାଇ ଥାଆନ୍ତୁ ନା' କାହିଁକି, ତାଙ୍କ ପ୍ରତିଜ୍ଞାକୁ ଦାବୀ କରନ୍ତୁ ଓ ସେ ଯେ ଏହାକୁ ଫେରାଇ ଆଣିବେ – ଏହା ବିଶ୍ୱାସ କରନ୍ତୁ ।

ଯଦି ଈଶ୍ୱର ଏକ ମୃତ, ନିର୍ଜୀବ ଗଣ୍ଡି ମଧ୍ୟକୁ ଜୀବନ ଫେରାଇ ଆଣିପାରନ୍ତି, ତେବେ ସେ ଆପଣଙ୍କ ନିମନ୍ତେ ଓ ମୋ' ନିମନ୍ତେ କେତେ ଅଧିକ କରିପାରିବେ !

(ଅବଶିଷ୍ଟାଂଶ ୬ଷ୍ଠ ପୃଷ୍ଠାରେ)

# ମହା ଆଦେଶ ସାଥୀଗଣ

ଜଣାଇବା (ଗାଲାତୀୟ ୬:୨), ସହାୟତା ଦେବା (ରୋମୀୟ ୧୨:୧୩) ଓ ତ୍ୱରାନ୍ୱିତ କରିବା (୨ ତୀମଥି ୧:୬)

ପ୍ରଶଂସା ଓ ପ୍ରାର୍ଥନାର ବିଷୟ,

(୨୦୨୫ ମାର୍ଚ୍ଚ ୧୯ ରୁ ୨୦୨୫ ଏପ୍ରିଲ ୧୮ ପର୍ଯ୍ୟନ୍ତ)

(ଦୟାକରି ଏହି ପୃଷ୍ଠାଟିକୁ ବାହାର କରି ଭାଙ୍ଗନ୍ତୁ ଓ ଏହାକୁ ଆପଣଙ୍କ ବାଇବେଲରେ ରଖନ୍ତୁ ଓ ନିରନ୍ତର ପ୍ରାର୍ଥନା କରନ୍ତୁ)

## ଈଶ୍ୱରଙ୍କର ପ୍ରଶଂସା କରନ୍ତୁ

ମାର୍ଚ୍ଚ ୧୯ ⇨ ଆମର ପ୍ରାର୍ଥନା ସାଥୀ, ବିଶ୍ୱାସ ସାଥୀ, ଆଜୀବନ ସଭ୍ୟ, ଅନ୍ୟ ସଭ୍ୟସଭ୍ୟା, ମହା ଆଦେଶ ସାଥୀଗଣ ଓ ସେମାନଙ୍କର ପରିବାରଗୁଡ଼ିକ ଉପରେ ଆଶୀର୍ବାଦ କରିଥିବାରୁ ।

ମାର୍ଚ୍ଚ ୨୦ ⇨ ଦୁର୍ଗମ ଅଞ୍ଚଳରେ ଈଶ୍ୱରଙ୍କ କାର୍ଯ୍ୟରେ ନିୟୋଜିତ ଥିବା ମିଶନେରୀ ଓ ସେମାନଙ୍କର ପରିବାରଗୁଡ଼ିକ ନିମନ୍ତେ ।

ମାର୍ଚ୍ଚ ୨୧ ⇨ ସମଗ୍ର ପୃଥିବୀରେ ବାଇବଲ ଓ ଖ୍ରୀଷ୍ଟୀୟ ପତ୍ରିକା ଛାପିବା କାର୍ଯ୍ୟରେ ଜଡ଼ିତ ଥିବା ଲୋକମାନଙ୍କର ଆବଶ୍ୟକତା ସବୁ ପୂରଣ କରିଥିବାରୁ ।

ମାର୍ଚ୍ଚ ୨୨ ⇨ ବ୍ୟକ୍ତିଗତ ଆବଶ୍ୟକତା ସତ୍ତ୍ୱେ, ଆମ ସେବାକାର୍ଯ୍ୟକୁ ଅର୍ଥ ସାହାଯ୍ୟ ଦେଉଥିବା ଲୋକମାନଙ୍କୁ ଯୋଗାଇଥିବାରୁ ।

ମାର୍ଚ୍ଚ ୨୩ ⇨ ଆମର ଆହ୍ୱାନର ପ୍ରତିଧ୍ୱନିର ସହଯୋଗୀ ସଂପାଦକ ଓ ସେମାନଙ୍କ ପରିବାରଗୁଡ଼ିକ ନିମନ୍ତେ ।

ମାର୍ଚ୍ଚ ୨୪ ⇨ ଆମର ବରିଷ୍ଠ ପାଳକ ଏସ୍.ସାମ୍.ସେଲଭାରାଜ ଓ ତାଙ୍କ ପରିବାରକୁ ସ୍ୱର୍ଗୀୟ ସୁରକ୍ଷା ଓ ଉତ୍ତମ ସ୍ୱାସ୍ଥ୍ୟ ଦେଇଥିବାରୁ ।

ମାର୍ଚ୍ଚ ୨୫ ⇨ ମିଶନେରୀମାନଙ୍କୁ ଅର୍ଥ ଓ ପ୍ରାର୍ଥନା ସହାୟତା ଯୋଗାଇବା ପାଇଁ ଆମକୁ ସମର୍ଥ କରିଥିବାରୁ ।

ମାର୍ଚ୍ଚ ୨୬ ⇨ ଆମର ସେଣ୍ଟ ପଲ୍ସ ମ୍ୟାଟ୍ରିକ୍ୟୁଲେସନ୍ ସ୍କୁଲ, ନିହିମିୟା ବାଇବଲ କଲେଜ ଓ ଥିଓଲୋଜିକାଲ କରେସପଣ୍ଡେସ ପାଠ୍ୟକ୍ରମର ସମସ୍ତ କାର୍ଯ୍ୟକଳାପ ନିମନ୍ତେ ।

ମାର୍ଚ୍ଚ ୨୭ ⇨ ସମଗ୍ର ପୃଥିବୀରେ ହିତକାରକ ଖ୍ରୀଷ୍ଟିଆନ ଶିକ୍ଷା ଉପରେ ଆଧାରିତ ସ୍କୁଲ ପ୍ରତିଷ୍ଠା କରିବା ପାଇଁ ମିଶନେରୀମାନଙ୍କୁ ଆଶୀର୍ବାଦ କରିଥିବାରୁ ।

ମାର୍ଚ୍ଚ ୨୮ ⇨ ୧୯୭୯ରୁ ପତ୍ରିକା ସେବାକାର୍ଯ୍ୟ ପ୍ରତି ଆମର ସମର୍ପଣ ଉପରେ ତାଙ୍କର ପ୍ରଚୁର ଆଶୀର୍ବାଦ ନିମନ୍ତେ ।

ମାର୍ଚ୍ଚ ୨୯ ⇨ ଆହ୍ୱାନର ପ୍ରତିଧ୍ୱନି ୟୁ-ଟ୍ୟୁବ ଚ୍ୟାନେଲ ପାଇଁ ଆମକୁ ନୂତନ ସଭ୍ୟ ସଭ୍ୟା ଯୋଗାଇଥିବାରୁ ।

ମାର୍ଚ୍ଚ ୩୦ ⇨ ଆମର ''ଗ୍ଲୋବାଲ୍ ଭିଜନ୍ ଫର୍ ୟୁଥ ଏଣ୍ଡ କିଡ୍ କେୟାର'' ସେବାକାର୍ଯ୍ୟ ଉପରେ ଆଶୀର୍ବାଦ କରିଥିବାରୁ ।

ମାର୍ଚ୍ଚ ୩୧ ⇨ ଆମର ରାଜ୍ୟ ସଂଯୋଜକ ଓ ସେମାନଙ୍କ ପରିବାରଗୁଡ଼ିକୁ ଆଶୀର୍ବାଦ କରିଥିବାରୁ ।

ଏପ୍ରିଲ ୧ ⇨ ବିଶେଷ ଭାବରେ ବିଶୃଙ୍ଖଳା ଓ ଭୟ ମଧ୍ୟରେ ସମସ୍ତ ଦେଶକୁ ସୁରକ୍ଷା ଦେଉଥିବାରୁ ।

ଏପ୍ରିଲ ୨ ⇨ ରାଜନୈତିକ ଓ ଧାର୍ମିକ ଅତ୍ୟାଚାର ମଧ୍ୟରେ ଆମର ଖ୍ରୀଷ୍ଟିଆନ ସେବାକାର୍ଯ୍ୟକୁ ଅଗ୍ରସର ହେବାରେ ସାହାଯ୍ୟ କରୁଥିବାରୁ ।

ଏପ୍ରିଲ ୩ ⇨ ବିଭିନ୍ନ ସେବାକାର୍ଯ୍ୟ ମାଧ୍ୟମରେ ସୁସମାଚାର ପ୍ରସାର ପ୍ରତି ଆମ ବରିଷ୍ଠ ପାଳକଙ୍କର ସମର୍ପଣ ନିମନ୍ତେ ।

## ଦୟାକରି ପ୍ରାର୍ଥନା କରନ୍ତୁ

ଏପ୍ରିଲ ୪ ⇨ ସରକାରୀ ପରୀକ୍ଷା ଦେବାକୁ ଯାଉଥିବା ଆମର ସେଣ୍ଟ ପଲ୍ସ ମ୍ୟାଟ୍ରିକ୍ୟୁଲେସନ୍ ସ୍କୁଲର ୧୦ମ ଶ୍ରେଣୀ ଛାତ୍ରମାନଙ୍କ ନିମନ୍ତେ ।

ଏପ୍ରିଲ ୫ ⇨ ୨୦୨୫-୨୬ ଶିକ୍ଷା ବର୍ଷ ନିମନ୍ତେ ଆମର ଆବାସିକ ଓ ସାଂଧ୍ୟ ନିହିମିୟା ବାଇବଲ କଲେଜରେ ଯୋଗ୍ୟ ଛାତ୍ରମାନଙ୍କର ଆଡ୍‌ମିଶନ ନିମନ୍ତେ ।

ଏପ୍ରିଲ ୬ ⇨ ଆମର ବରିଷ୍ଠ ପାଳକ ଏସ୍.ସାମ୍.ସେଲଭାରାଜ ଯେପରି ତାଙ୍କର ବହୁମୁଖୀ ସେବାକାର୍ଯ୍ୟ ନିମନ୍ତେ ନୂତନ ଦର୍ଶନ ପାଇବେ ।

ଏପ୍ରିଲ ୭ ⇨ ପିଲାମାନେ ଓ ଯୁବାମାନେ ଯେପରି ନିଶାସକ୍ତିରୁ ସୁରକ୍ଷିତ ରହିବେ ।

ଏପ୍ରିଲ ୮ ⇨ ସମଗ୍ର ପୃଥିବୀର ପିଲାମାନେ ଓ ଯୁବାମାନେ ଯେପରି କ୍ରମବର୍ଦ୍ଧିଷ୍ଣୁ ମନ୍ଦ ଅଭ୍ୟାସରୁ ସୁରକ୍ଷିତ ରହିବେ ।

ଏପ୍ରିଲ ୯ ⇨ ୨୦୨୫-୨୬ ଶିକ୍ଷା ବର୍ଷ ପାଇଁ ଆମର ସେଣ୍ଟ ପଲ୍ସ ମ୍ୟାଟ୍ରିକ୍ୟୁଲେସନ୍ ସ୍କୁଲରେ ନୂତନ ଛାତ୍ରମାନଙ୍କର ଆଡ୍‌ମିଶନ ନିମନ୍ତେ ।

ଏପ୍ରିଲ ୧୦ ⇨ ସମଗ୍ର ପୃଥିବୀରେ ଶିଶୁଚାଲାଣର ଦୂରୀକରଣ ନିମନ୍ତେ ।

ଏପ୍ରିଲ ୧୧ ⇨ ସମଗ୍ର ପୃଥିବୀସ୍ଥ ମଣ୍ଡଳୀଗୁଡ଼ିକର ଉଦ୍ଦୀପନା ନିମନ୍ତେ ।

ଏପ୍ରିଲ ୧୨ ⇨ ସମସ୍ତ ଦେଶର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ସଂସଦର ସଦସ୍ୟମାନଙ୍କ ନିମନ୍ତେ ।

ଏପ୍ରିଲ ୧୩ ⇨ ସମଗ୍ର ପୃଥିବୀର ଯୁବା ଓ ପିଲାମାନେ ଯେପରି ଯୀଶୁ ଖ୍ରୀଷ୍ଟଙ୍କୁ ସେମାନଙ୍କର ବ୍ୟକ୍ତିଗତ ତ୍ରାଣକର୍ତ୍ତା ଭାବରେ ଗ୍ରହଣ କରିବେ ।

ଏପ୍ରିଲ ୧୪ ⇨ ପୃଥିବୀର ସମସ୍ତ ଲୋକଙ୍କ ଆବଶ୍ୟକତା ନିମନ୍ତେ ।

ଏପ୍ରିଲ ୧୫ ⇨ ସମସ୍ତ ଦେଶ ଯେପରି ସମସ୍ତ ବିଷୟରେ ଓ ସମସ୍ତ ଯୋଜନାରେ ଏକତା, ଉନ୍ନତି ଓ ଶାନ୍ତିର ଅନୁଭୂତି ପାଇବେ ।

ଏପ୍ରିଲ ୧୬ ⇨ ଆମର ଯେଉଁ ସାହାଯ୍ୟକାରୀ, ଶୁଭେଚ୍ଛୁ ଓ ବନ୍ଧୁମାନେ ସେମାନଙ୍କର ପ୍ରାର୍ଥନା ଓ ଅର୍ଥ ସହାୟତା ମାଧ୍ୟମରେ ଆମର ସେବାକାର୍ଯ୍ୟକୁ ଟେକି ଧରିଛନ୍ତି, ସେମାନେ ଯେପରି ଆଶୀର୍ବାଦ ଓ ଶକ୍ତି ପାଇବେ ।

ଏପ୍ରିଲ ୧୭ ⇨ ଆମର ମୁଖ୍ୟ ଓ ଶାଖା ମଣ୍ଡଳୀଗୁଡ଼ିକରେ ଆମର ଶୁଭ ଶୁକ୍ରବାର ଓ ଇଷ୍ଟର ଉପାସନା ନିମନ୍ତେ ।

ଏପ୍ରିଲ ୧୮ ⇨ ପୃଥିବୀରେ ଯେପରି ଅର୍ଥନୈତିକ ସଙ୍କଟ ଶେଷ ହେବ ଓ ପ୍ରଭାବିତ ହୋଇଥିବା ଲୋକମାନେ ଆଶ୍ୱସ୍ତ ହେବେ ।

(୪ର୍ଥ ପୃଷ୍ଠାର ଅବଶିଷ୍ଟାଂଶ)



ଈଶ୍ୱର ଆୟୁବଙ୍କୁ ସବୁକିଛି ଫେରାଇ ଦେଇଥିଲେ !

ଆୟୁବ ୪୨ରେ ଯାକୁବଙ୍କ କାହାଣୀକୁ ବିଚାର କରନ୍ତୁ : ସେ ନିଜର ସନ୍ତାନ ସନ୍ତତି, ଧନ ଓ ସ୍ୱାସ୍ଥ୍ୟ ସବୁକିଛି ହରାଇ ଦେଇଥିଲେ । ତଥାପି, ନିଜର ଅତିରିକ୍ତ ଦୁଃଖଭୋଗ ସତ୍ତ୍ୱେ, ଆୟୁବ ବିଶ୍ୱସ୍ତ ହୋଇ ରହିଥିଲେ । ଶେଷରେ, ଈଶ୍ୱର ତାଙ୍କୁ ସବୁକିଛି ଫେରାଇ ଦେଇଥିଲେ, ଏପରିକି ତାଙ୍କ ନିକଟରେ ପୂର୍ବରୁ ଯାହା ଥିଲା, ତାହାର ଦୁଇଗୁଣ ତାଙ୍କୁ ପ୍ରଦାନ କରିଥିଲେ । ଏହା ଏହି ବିଷୟକୁ ପ୍ରଦର୍ଶନ କରେ ଯେ ଈଶ୍ୱର ଏପରି ଜଣେ କ୍ଷତିପୂରଣକାରୀ ଅଟନ୍ତି ଯିଏ ଅକଳ୍ପନୀୟ କ୍ଷତି ପରେ ମଧ୍ୟ ପ୍ରଚୁରଭାବରେ ଆଶୀର୍ବାଦ କରନ୍ତି ।



ଦାଉଦ ସବୁକିଛି ଫେରି ପାଇଲେ

ସେହିପରି, ୧ ଶାମୁୟେଲ ୩୦ ଅନୁସାରେ, ଦାଉଦ ଅମାଲେକୀୟମାନଙ୍କ ନିକଟରେ ସବୁକିଛି ହରାଇ ଦେଇଥିଲେ । ଦୁଃଖିତ ହେବା ପରିବର୍ତ୍ତେ, ସେ ସଦାପ୍ରଭୁଙ୍କ ଠାରେ ବଳ ପାଇବାକୁ ଚେଷ୍ଟା କରିଥିଲେ ଓ ସବୁକିଛି ଫେରି ପାଇଥିଲେ । ଆପଣ ଯାହା ହରାଇଅଛନ୍ତି, ସେହି ସମସ୍ତ ବିଷୟ ସଦାପ୍ରଭୁ ଆପଣଙ୍କୁ ଫେରାଇ ଦେଇ ପାରନ୍ତି ।

## O→ ନୂତନ ଆଶୀର୍ବାଦର ଉନ୍ମୋଚନକାରୀ

## 4. OPENER OF NEW BEGINNINGS!



ବାଇବଲ ଆମକୁ ଏହି ଭରସା ଦେଇଛି ଯେ ଆମ ପ୍ରତ୍ୟେକଙ୍କ ପାଇଁ ଈଶ୍ୱରଙ୍କର ଏକ ଯୋଜନା ଅଛି – ଏହା ଆମକୁ ଆଶା ଓ ଏକ ଭବିଷ୍ୟତ୍ ଦେବାର ଯୋଜନା । ଆମେ ତାଙ୍କ ହାତର ପାପୁଲିରେ ଖୋଦିତ ହୋଇଛୁ । କିନ୍ତୁ, ବେଳେ ବେଳେ ଜୀବନ ଅନପେକ୍ଷିତ ମୋଡ଼ ନେଇପାରେ ଓ ଆମେ ହୁଏତ ସବୁକିଛି ହରାଇ ଦେବା ଭଳି ଅନୁଭବ କରିପାରୁ ।

ପ୍ରଥମତଃ, ଯୀଶୁ ଖ୍ରୀଷ୍ଟ ଯେ ଈଶ୍ୱର ଅଟନ୍ତି, ଏହା ତାଙ୍କର ସୌନ୍ଦର୍ଯ୍ୟ ଅଟେ । ଏପରିକି ଆମେ ଭୁଲ୍ କରିବା ସମୟରେ ସୁଦ୍ଧା, ସେ ସେଥିରୁ କିଛି ସୁନ୍ଦର ବିଷୟ ସୃଷ୍ଟି କରିପାରନ୍ତି । ରୋମୀୟ ୮:୨୮ ରେ ଲେଖାଅଛି, "... ଯେଉଁମାନେ ସଦାପ୍ରଭୁଙ୍କୁ ଭୟ (ପ୍ରେମ) କରନ୍ତି, ସମସ୍ତ ଘଟଣା ମିଳି ସେମାନଙ୍କର ମଙ୍ଗଳ ଇଚ୍ଛାଏ ।"

ସେ ନୂତନ ଦ୍ୱାର ଓ ନୂତନ ଆରମ୍ଭର ଉନ୍ମୋଚନକାରୀ ଅଟନ୍ତି । ଆପଣ ଏହାକୁ ପାଠ କରୁଥିବା ସମୟରେ, ଆପଣଙ୍କ ଜୀବନ ମଧ୍ୟରେ ଯେପରି ନୂତନ ସୁଯୋଗ ସବୁ ଆସିବ ଓ ନୂତନ ଆରମ୍ଭ ଦେଖା ଦେବ, ଏହା ମୁଁ ପ୍ରାର୍ଥନା କରୁଅଛି । ଯୀଶୁ ଖ୍ରୀଷ୍ଟ ଆମକୁ ଉଦ୍ଦେଶ୍ୟ ଓ ପ୍ରଚୁର ଭାବରେ ଜୀବନ ଦେବାକୁ ଆସିଥିଲେ । ଆପଣଙ୍କ ଜୀବନକୁ ପ୍ରାର୍ଥନାରେ ତାଙ୍କ ନିକଟରେ ସମର୍ପଣ କରନ୍ତୁ ଓ ସେ ସମସ୍ତ ବିଷୟକୁ ନୂତନ କରିବେ ।

ଈଶ୍ୱର ଜୀବନ ନ ଥିବା ସ୍ଥାନରେ ଜୀବନ ସୃଷ୍ଟି କରନ୍ତି ଓ ନୈରାଶ୍ୟକୁ ଏକ ନୂତନ ଆରମ୍ଭ ମଧ୍ୟକୁ ପରିବର୍ତ୍ତିତ କରନ୍ତି । ଏକ ନୂତନ ଜୀବନର ପ୍ରତୀକ, ଏକ ପଲ୍ଲବ ଏପରି ଏକ ଗଣ୍ଡିରୁ ଅଙ୍କୁରିତ ହେବ ଯାହା ବିନେ ମୃତ ମନେ ହେଉଥିଲା । ନିର୍ଜୀବ ସ୍ଥାନ ଗୁଡ଼ିକ ମଧ୍ୟକୁ ଜୀବନ ଆଣିବା ପାଇଁ ଈଶ୍ୱରଙ୍କ ନିକଟରେ ଶକ୍ତି ଅଛି । ଯିହିଜିକଲ ୩୭ ଆମକୁ ଶୁଷ୍କ ଅସ୍ଥିଗୁଡ଼ିକ ନିକଟରେ ପ୍ରଚାର କରିବା ପାଇଁ ସ୍ମରଣ କରାଇ ଦେଉଛି, ସେଗୁଡ଼ିକ ମଧ୍ୟକୁ ଜୀବନ ଫେରିଆସିବ । ପ୍ରତ୍ୟେକ ମୃତ ପରିସ୍ଥିତି ମଧ୍ୟକୁ ଜୀବନ ଆଜ୍ଞା କରନ୍ତୁ, କାରଣ ତାହା ହିଁ ଯୀଶୁ ଖ୍ରୀଷ୍ଟଙ୍କ ଉନ୍ନତ ପ୍ରତିଜ୍ଞା ଅଟେ ।

ଯିହିଜିକଲ ଶୁଷ୍କ ଅସ୍ଥିରେ ପରିପୂର୍ଣ୍ଣ ଏକ ଉପତ୍ୟକାର ଏକ ଦର୍ଶନ ଦେଖିଥିଲେ । ଯେତେବେଳେ ଈଶ୍ୱର ଭାବବାଣୀ କହିବା ପାଇଁ ତାଙ୍କୁ ଆଦେଶ ଦେଲେ, ସେତେବେଳେ ଅସ୍ଥିଗୁଡ଼ିକ ଏକତ୍ର ସଂଯୁକ୍ତ ହେଲେ, ମାଂସ ଦ୍ୱାରା ଆବୃତ ହେଲେ, ଶ୍ୱାସବାୟୁ ପାଇଲେ ଓ ଏକ ବିଶାଳ ସୈନ୍ୟ ବାହିନୀରେ ପରିଣତ ହେଲେ । ପୁନରୁତ୍ଥାନ ଓ ନୂତନୀକରଣର ଏହି ଶକ୍ତିପୂର୍ଣ୍ଣ ଦୃଷ୍ଟାନ୍ତ ଆମକୁ ଏହି ଭରସା ଦିଏ ଯେ ଈଶ୍ୱର ସର୍ବାଧିକ ଅନୁର୍ବର ଓ ନିର୍ଜୀବ ପରିବେଶରେ ସୁଦ୍ଧା ନୂତନ ଆରମ୍ଭର ସୃଷ୍ଟି କରିପାରନ୍ତି ।



ଯିହିଜିକଲ ଶୁଷ୍କ ଅସ୍ଥିରେ ପରିପୂର୍ଣ୍ଣ ଏକ ଉପତ୍ୟକାର ଦର୍ଶନ ଦେଖିଥିଲେ ।

(ଅବଶିଷ୍ଟାଂଶ ୯ମ ପୃଷ୍ଠାରେ)

ନିହିମିୟା ବାଇବଲ ଆବାସିକ ମହାବିଦ୍ୟାଳୟ
Chepauk & Santhoshapuram, Velachery Chennai. ଆଡ୍‌ମିଶନ ପାଇଁ ଶୀଘ୍ର ଆସନ୍ତୁ !
ଯୋଗ୍ୟତା : ୧୦ମ ଓ ଊର୍ଦ୍ଧ୍ୱ
ଥିଓଲୋଜିରେ ଡିପ୍ଲୋମା
ମାଧ୍ୟମ - ହିନ୍ଦୀ (Residential) Sponsorship Available
ମାଧ୍ୟମ - ତାମିଲ (Part Time)
ବିଗତ ୫୫ ବର୍ଷ ଧରି ଆନ୍ତର୍ଜାତୀୟ ଖ୍ରୀଷ୍ଟିଆନ ନେତା ଓ ବରିଷ୍ଠ ପାଳକମାନଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ
ଯୋଗାଯୋଗ
Contact : The Chairman, Nehemiah Bible College.
10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA.
Phone : (+91-44) 2852 8282, Cell : (+91) 98410 71852 / 95661 31858
E.mail : sam@echoofhiscall.org / Website : www.echoofhiscall.org
* ONLINE CLASSES ARE AVAILABLE *

## ଦୟାକରି ଆମର ସେବାକାର୍ଯ୍ୟ ନିମନ୍ତେ ପ୍ରାର୍ଥନା କରନ୍ତୁ ।

୧. ପ୍ରାର୍ଥନା ସଭା (୨୪ ଘଣ୍ଟା) ।
୨. ବାଇବଲ କୋର – ପତ୍ର ମାଧ୍ୟମରେ ବାଇବଲ ପାଠ୍ୟକ୍ରମ, ଇଂରାଜୀ, ହିନ୍ଦୀ ଓ ତାମିଲ ।
୩. ଆହ୍ୱାନର ପ୍ରତିଧ୍ୱନି ପତ୍ରିକା (ଇଂରାଜୀ, ତାମିଲ, ମାଲାୟାଲାମ, ତେଲୁଗୁ, ହିନ୍ଦୀ, କାନ୍ନାଡ଼ା, ମରାଠୀ, ଗୁଜୁରାଟୀ, ବଙ୍ଗାଳୀ, ଓଡ଼ିଆ, ନେପାଳୀ, ଆସାମୀ, ପଞ୍ଜାବୀ, ଉର୍ଦ୍ଦୁ, ସିଂହଳ ଓ ଆଫ୍ରିକାନସ୍) ।
୪. ନିହିମିୟା ବାଇବଲ ମହାବିଦ୍ୟାଳୟ (ତିନୋଟି କେନ୍ଦ୍ର) ।
୫. ଥିଓଲୋଜିକାଲ ଦୂରଭାଷା ପାଠ୍ୟକ୍ରମ (ଇଂରାଜୀ ଓ ତାମିଲ) ।
୬. ମହାଆଦେଶ ସାଥୀଗଣ ।
୭. ତାଲିମ କାର୍ଯ୍ୟକ୍ରମ ।
୮. ସୁସମାଚାର ଅଭିଯାନ ।
୯. ସାହିତ୍ୟ ସେବା ଓ ବଣ୍ଟନ ।
୧୦. ସୁସମାଚାର ଛାପା କଳ – ପ୍ରକାଶନ ।
୧୧. ସେଣ୍ଟପଲସ୍ ମ୍ୟାଟ୍ରିକ୍ୟୁଲେସନ ସ୍କୁଲ-ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ ।
୧୨. ସଣ୍ଡେସ୍କୁଲ – ରବିବାର ସକାଳ ଘ. ୮.୩୦ ମିନିଟ୍ ଓ ଅପରାହ୍ନ ୪.୦୦ ଘଟିକା ।
୧୩. ତାମିଲ ଉପାସନା – ରବିବାର ସକାଳ ୮.୦୦ ଓ ସକାଳ ୧୦.୦୦ ।
୧୪. ହିନ୍ଦୀ ଉପାସନା – ରବିବାର ଅପରାହ୍ନ ଘ. ୪.୦୦ ।
୧୫. ତେଲୁଗୁ ପ୍ରାର୍ଥନା ସଭା – ରବିବାର ସନ୍ଧ୍ୟା ଘ. ୫.୦୦ ।
୧୬. ଇଂରାଜୀ ଓ ତାମିଲ ଉପାସନା ରବିବାର ସନ୍ଧ୍ୟା ୬.୦୦ ଘଟିକା ।
୧୭. ମହିଳାମାନଙ୍କର ପ୍ରାର୍ଥନା ସଭା – ବୁଧବାର ସନ୍ଧ୍ୟା ଘ.୫.୩୦ ମିନିଟ୍ ।
୧୮. ପୁରୁଷମାନଙ୍କର ପ୍ରାର୍ଥନା ସଭା – ଶୁକ୍ରବାର ସନ୍ଧ୍ୟା ଘ.୭.୦୦ ।
୧୯. କର୍ମଚାରୀମାନଙ୍କର ସଭା – ଶନିବାର ସନ୍ଧ୍ୟା ୬.୦୦ ଘଟିକା ।
୨୦. ଗୃହ ସଭା – ସୋମବାର, ମଙ୍ଗଳବାର, ସନ୍ଧ୍ୟା ଘ.୬.୩୦ ମିନିଟ୍ ।
୨୧. ବିଶେଷ ପ୍ରଭୁଭୋଜ – ପ୍ରତ୍ୟେକ ମାସ ପ୍ରଥମ ଦିବସର ସକାଳ ଘ. ୫.୩୦ ମିନିଟ୍ ।
୨୨. କର୍ମଚାରୀମାନଙ୍କ କାର୍ଯ୍ୟର ପୁନଃ ବିଚାର – ପ୍ରଥମ ଶନିବାର ସନ୍ଧ୍ୟା ୫.୩୦ ।
୨୩. ପିତାମାତାଙ୍କର ପ୍ରାର୍ଥନାସଭା – ପ୍ରଥମ ରବିବାର ସନ୍ଧ୍ୟା ୪.୦୦ ଘଟିକା ।
୨୪. ରାତ୍ରି ପ୍ରାର୍ଥନା – ଦ୍ୱିତୀୟ ଶୁକ୍ରବାର ଘ. ୯.୩୦ ମି (ରାତ୍ର) ।
୨୫. ଉପବାସ ପ୍ରାର୍ଥନା – ତୃତୀୟ ଶନିବାର ସକାଳ ୯.୩୦ ଘଟିକା ।
୨୬. ପବିତ୍ର ପ୍ରଭୁଭୋଜ – ଦ୍ୱିତୀୟ ରବିବାର ଉପାସନା ।
୨୭. ପ୍ରାତଃ ଉପାସନା – ପ୍ରତିଦିନ ସକାଳ ଘ. ୫.୩୦ ମିନିଟ୍ ।
୨୮. କର୍ମଚାରୀମାନଙ୍କର ଉପାସନା – ପ୍ରତିଦିନ ସକାଳ ଘ. ୯.୦୦ ।
୨୯. କାର୍ଯ୍ୟାଳୟ – ପ୍ରତିଦିନ ସକାଳ ଘ. ୯.୦୦ମି ଠାରୁ ରାତ୍ର ୯.୦୦ (ରବିବାର ବ୍ୟତୀତ)

## କେବଳ ଭାରତର ପ୍ରାର୍ଥୀମାନଙ୍କ ପାଇଁ ଆହ୍ୱାନର ପ୍ରତିଧ୍ୱନିର ପୋଷ୍ଟାଲ୍ ପାଠ୍ୟକ୍ରମ

### ୧. ବାଇବଲ କୋର୍

ଆମେ ନୂତନ ଖ୍ରୀଷ୍ଟିଆନ ଓ ଅଣ-ଖ୍ରୀଷ୍ଟିଆନମାନଙ୍କୁ ଇଂରାଜୀରେ ୫୬ ପୃଷ୍ଠା, ହିନ୍ଦୀରେ – ୭୬ ପୃଷ୍ଠା ଓ ତାମିଲ୍‌ରେ – ୯୬ ପୃଷ୍ଠାରେ ସମ୍ବଳିତ ବାଇବଲର ମୌଳିକ ସତ୍ୟଗୁଡ଼ିକ ଉପରେ ପୋଷ୍ଟାଲ ପାଠ୍ୟକ୍ରମ ପ୍ରଦାନ କରୁଅଛୁ । ଆପଣମାନେ ଏକ ପାଠ୍ୟପୁସ୍ତକ – ''ଆପଣଙ୍କ ନିମନ୍ତେ ନୂତନ ଜୀବନ'' ପାଇବେ । ଏହି ପାଠ୍ୟକ୍ରମର ସମାପ୍ତି ପରେ, ଆପଣ ଗୋଟିଏ ସାର୍ଟିଫିକେଟ ପାଇବେ । କୌଣସି ବାଧ୍ୟତାମୂଳକ ଦେୟ ନାହିଁ । ଆପଣମାନେ ଆଶୀର୍ବାଦ ପାଇବେ ।

### ୨. ଥିଓଲୋଜିକାଲ୍ କରେସ ପଣ୍ଡେସ୍ ପାଠ୍ୟକ୍ରମ

ଥିଓଲୋଜିକାଲ କରେସ୍ ପଣ୍ଡେସ୍ ପାଠ୍ୟକ୍ରମ ନାମକ ଦୂରବର୍ତ୍ତୀ ପ୍ରାର୍ଥୀମାନଙ୍କ ପାଇଁ ଉନ୍ନତ ଧରଣର ଶିକ୍ଷା ବର୍ତ୍ତମାନ ଇଂରାଜୀରେ – ୫୩୨ ପୃଷ୍ଠା ଓ ତାମିଲ୍‌ରେ ୬୫୨ ପୃଷ୍ଠା ପାଳକ, ପ୍ରଚାରକ, ଖ୍ରୀଷ୍ଟିଆନ ନେତା ଓ ଈଶ୍ୱରଙ୍କ ସେବାକାର୍ଯ୍ୟ ପାଇଁ ଇଚ୍ଛୁକ ସାଧାରଣ ଲୋକଙ୍କ ନିମନ୍ତେ ଉପଲବ୍ଧ ଅଟେ । ୧୦୦୦ ଟଙ୍କାର ଦେୟ ରହିଛି ।

୧୪୯ ଅଧ୍ୟାୟ ବିଶିଷ୍ଟ ୭ଟି ପୁସ୍ତକ ଯୋଗାଇ ଦିଆଯିବ । ସେବାକାର୍ଯ୍ୟରେ ସାର୍ଟି ଫିକେଟ ପ୍ରଦାନ କରାଯିବ । ଈଶ୍ୱର ଆପଣମାନଙ୍କୁ ଆଶୀର୍ବାଦ କରିବେ ।

**ଅଧିକ ଜାଣିବା ପାଇଁ ଆମକୁ ଲେଖନ୍ତୁ**

The Chairman, Nehemiah Bible College,
Echo of His Call, Post Box 2957
CHEPAUK, CHENNAI - 600 005.
Ph.: (044) 2852 8282, 2852 9293, 2854 7766,
Cell : 98410 71852, 95661 31858
E.mail : biblecor@yahoo.co.in

## ବିନାମୂଲ୍ୟରେ ମାସିକ ପତ୍ରିକା "ଆହ୍ୱାନର ପ୍ରତିଧ୍ୱନି" ପାଇବା ପାଇଁ ଏକ ଉତ୍ତମ ସୁଯୋଗ ।

ଯଦି ଆପଣମାନେ ଆପଣମାନଙ୍କ ବନ୍ଧୁ/ଆତ୍ମୀୟମାନଙ୍କର ଠିକଣା ଡାକ, ପତ୍ର, ଇ-ମେଲ, ହ୍ୱାଟସ୍-ଆପ୍ କିମ୍ବା ଫୋନ ମାଧ୍ୟମରେ ଆମ ନିକଟକୁ ପଠାଇ ପାରିବେ ତେବେ ଆମେ "ଆହ୍ୱାନର ପ୍ରତିଧ୍ୱନି" ମାସିକ ପତ୍ରିକା ସେମାନଙ୍କ ନିକଟକୁ ବିନାମୂଲ୍ୟରେ ପ୍ରେରଣ କରିବୁ ।

## କର ରିହାତି

"Echo of His Call Educational Trust" କୁ ଭାରତର ଯେ କୌଣସି ବ୍ୟକ୍ତି କିମ୍ବା ଅନୁଷ୍ଠାନ ଦେଉଥିବା ଦାନ ଆୟକର ଆଇନର ଭାଗ – 80 - G ଅଧୀନରେ କର ମୁକ୍ତ ପାଇଁ ଯୋଗ୍ୟ ଅଟେ । ଏହି ଉଦ୍ଦେଶ୍ୟରେ କାର୍ଯ୍ୟାଳୟ ତରଫରୁ ରସିଦ୍ ଦିଆଯିବ । Echo of His Call Educational Trust କୁ ଦେଉଥିବା ଦାନ ପାଇଁ Demand Draft, Cheque କିମ୍ବା ମନିଅର୍ଡର କରନ୍ତୁ ଓ କର ମୁକ୍ତି ପାଇଁ ଆପଣଙ୍କର ଆଧାରକାର୍ଡ ଓ ପ୍ୟାନକାର୍ଡ ସହିତ ଏହାକୁ ଆମ ନିକଟକୁ ପ୍ରେରଣ କରନ୍ତୁ ।

| | | |
|---|---|---|
| Account Name | : | ECHO OF HIS CALL EDUCATIONAL TRUST |
| Account Number | : | 1023 2923 805 |
| Bank Name | : | STATE BANK OF INDIA |
| Branch | : | TRIPLICANE, CHENNAI - 600 005 |
| IFSC Code | : | SBIN 0000249 |
| SWIFT Code | : | SBI NIN BB 455 |



# ଗର୍ତ୍ତରୁ ରାଜପ୍ରାସାଦ

## (PIT TO PALACE)

(ପାଳକ. ଏସ୍. ସାମ୍. ସେଲଭା ରାଜଙ୍କ ଜୀବନାନୁଭୂତି)

*"ଯେ ପାଠ କରେ, ସେ ବୁଝୁ" (ମାଥିଉ ୨୪:୧୫)*

"... ସଦାପ୍ରଭୁଙ୍କଠାରେ ଯେ ନିର୍ଭର କରେ, ସେ ଧନ୍ୟ" (ହିତୋପଦେଶ ୧୬:୨୦) ।

ମୋ' ଜୀବନର ପ୍ରାରମ୍ଭିକ ବର୍ଷଗୁଡ଼ିକ ପରେ, ବିଦେଶରେ ଖ୍ରୀଷ୍ଟିଆନ ମିଶନେରୀମାନେ କିପରି ଜୀବନ କାଟୁଛନ୍ତି, ସେମାନେ କିପରି ସେମାନଙ୍କର ଆତ୍ମିକ ଜୀବନକୁ ପ୍ରତିପୋଷଣ କରୁଛନ୍ତି ଓ ସେହି ଦେଶଗୁଡ଼ିକରେ ସେବାକାର୍ଯ୍ୟ ଗୁଡ଼ିକ କିପରି ପରିଚାଳିତ ହେଉଅଛି – ଏ ବିଷୟରେ ମୋ' ମନରେ ଏକ ଗଭୀର କୌତୁହଳ ଉଦ୍ରେକ ହୋଇଥିଲା । କିନ୍ତୁ, ସେହି ସମୟରେ ମୋ' ନିକଟରେ ଅର୍ଥ ସମ୍ବଳ, ଲୋକମାନଙ୍କର ସହାୟତା, ଏପରିକି ଯଥେଷ୍ଟ ଆତ୍ମିକ ଦାନର ଅଭାବ ଥିଲା ।

ମୁଁ ସେହି ବର୍ଷ ଅଗଷ୍ଟ ମାସରେ ମାଲେସିଆ ଯାତ୍ରା କରିବି ବୋଲି ଯେତେବେଳେ ୧୯୮୯ରେ, ମୁଁ ମୋ' ଡାଏରୀରେ ଲେଖିବାର ସାହସ କଲି, ସେତେବେଳେ ମୁଁ ନିଜେ ମଧ୍ୟ ଆଶ୍ଚର୍ଯ୍ୟ ହେଲି । ମୁଁ ଅତିଶୀଘ୍ର ସେହି ବିଷୟ ଭୁଲିଗଲି ଓ ପ୍ରାୟ ତିନିମାସ ପର୍ଯ୍ୟନ୍ତ ମୋ' ମନରେ ସେହି ଚିନ୍ତା ଆସିଲା ନାହିଁ । ଦିନେ ମୁଁ ହଠାତ୍ ମୋର ଡାଏରୀ ପଢୁ ପଢୁ, ମୋର ସେହି ଯୋଜନା ବିଷୟରେ ମନେ ପଡ଼ିଲା । ମୋର ଯାତ୍ରାର ପ୍ରସ୍ତାବିତ ତାରିଖ ଅତିଶୀଘ୍ର ନିକଟବର୍ତ୍ତୀ ହେଉଛି ବୋଲି ଉପଲବ୍ଧି କରି, ମୁଁ ପ୍ରଭୁଙ୍କ ଏହି ବାକ୍ୟରେ ବିଶ୍ୱାସ କଲି, ପ୍ରାର୍ଥନାରେ ଏହି ବିଷୟଟିକୁ ତାଙ୍କ ସମ୍ମୁଖକୁ ଆଣିଲି : **"କୌଣସି ବିଷୟରେ ଚିନ୍ତିତ ହୁଅ ନାହିଁ, କିନ୍ତୁ ସମସ୍ତ ବିଷୟରେ ପ୍ରାର୍ଥନା ଓ ବିନତି ଦ୍ୱାରା ଧନ୍ୟବାଦ ସହ ତୁମ୍ଭମାନଙ୍କର ନିବେଦନ ସବୁ ଈଶ୍ୱରଙ୍କ ନିକଟରେ ଜଣାଅ"** (ଫିଲିପ୍ପୀୟ ୪:୬) ।

ଦିନ ପରେ ଦିନ, ସପ୍ତାହ ପରେ ସପ୍ତାହ ବିତିଗଲା, ମାତ୍ର କିଛି ଘଟିବା ଭଳି ମନେ ହେଲା ନାହିଁ । ମୋ' ହୃଦୟରେ, ମୁଁ ଏହା ଜାଣିଥିଲି ଯେ ବିଦେଶକୁ ଯାତ୍ରା କରିବା ପାଇଁ ଈଶ୍ୱରଙ୍କଠାରେ ବିଶ୍ୱାସ ବ୍ୟତୀତ ମୋ'ଠାରେ ଅନ୍ୟ ଉପାୟ କିଛି ନାହିଁ । ଏହି ସମୟରେ, ମୁଁ ଏପରି ଜଣେ ଭାଇଙ୍କୁ ସାକ୍ଷାତ୍ କଲି ଯିଏ ସେବାକାର୍ଯ୍ୟ ପାଇଁ ବାରମ୍ବାର ମାଲେସିଆକୁ ଯାଉଥିଲେ । ମୁଁ ମୋ'ର ଇଚ୍ଛା ତାଙ୍କୁ ଜଣାଇଲି ଓ ସେ ଅଧିକ ଚାଳନା ଦେବା ପାଇଁ ମୋତେ ତାଙ୍କର ଚେନ୍ନାଇସ୍ଥିତ ଗୃହକୁ ଆସିବା ପାଇଁ ଉତ୍ସାହିତ କରିଥିଲେ ।

ପରଦିନ ସକାଳେ, ମୁଁ ତାଙ୍କ ଗୃହକୁ ଯାଇଥିଲି । ଦୁର୍ଭାଗ୍ୟବଶତଃ, ସେ ସେହିଦିନ ବ୍ୟସ୍ତ ଥିଲେ ଓ ମୋତେ ପରବର୍ତ୍ତୀ ଦିନ ଆସିବା ପାଇଁ କହିଲେ । ଏହି ଧାରା ଗୋଟିଏ ମାସ ଧରି ଅବ୍ୟାହତ ରହିଲେ । ପ୍ରତ୍ୟେକ ଯାତ୍ରା ପାଇଁ ମୋର ଟଙ୍କା ଓ ସମୟ ବ୍ୟୟ ହେଉଥିଲା । ଶେଷରେ ସେ ମୋତେ ସାହାଯ୍ୟ କରିବା ପାଇଁ ଅନିଚ୍ଛୁକ ଅଟନ୍ତି ବୋଲି ମୁଁ ଉପଲବ୍ଧି କରିଥିଲି । ଏହାପରେ ସେ ମୋତେ ତୀକ୍ଷ୍ଣଭାବରେ କହିଥିଲେ, "ଆପଣ ମାଲେସିଆକୁ ଯାଇପାରିବେ ନାହିଁ । କେବଳ ମୋ' ପରି ପ୍ରତିଭାବାନ୍ ଓ ସକ୍ଷମ ଲୋକମାନେ ସେଠାରେ ପ୍ରଚାର କରିପାରିବେ । ମାଲେସିଆରେ କେହି ଆପଣଙ୍କୁ ଗ୍ରହଣ କରିବେ ନାହିଁ । ମୋ' ନିକଟକୁ ଆଉ ଆସନ୍ତୁ ନାହିଁ ।"

ତାଙ୍କର ନିରୁତ୍ସାହଜନକ କଥା ସତ୍ତ୍ୱେ, ମୁଁ ଆଶା ହରାଇ ନ ଥିଲି, ପ୍ରାର୍ଥନା କରିବା ଅବ୍ୟାହତ ରଖିଥିଲି ଓ ଈଶ୍ୱରଙ୍କ ଇଚ୍ଛା ଯେପରି ପ୍ରକାଶିତ ହେବ, ଏଥିପାଇଁ ଧୈର୍ଯ୍ୟର ସହିତ ଅପେକ୍ଷା କରିଥିଲି ।

ଦୁଇ ସପ୍ତାହ ପରେ, ଯେତେବେଳେ ମୁଁ ମୋର କାର୍ଯ୍ୟାଳୟରେ ପତ୍ରଗୁଡ଼ିକୁ ଦେଖୁଥିଲି, ସେତେବେଳେ ମାଲେସିଆରୁ ଗୋଟିଏ ପତ୍ର ପାଇଲି । ଏହା ସେଠାରେ ପ୍ରଚାର କରୁଥିବା ପାଳକ ଦେବରାଜୁଲୁଙ୍କଠାରୁ ଆସିଥିଲା ।

*ସେ ଏହିପରି ଲେଖିଥିଲେ : "ଖ୍ରୀଷ୍ଟରେ ମୋର ପ୍ରିୟ ଭାଇ, ସାମ୍ ସେଲ୍ଭାରାଜ୍,*

*ମୁଁ ପ୍ରଭୁଙ୍କ ପ୍ରିୟ ଅଟେ । ଆଜି, ମୁଁ ଗୋଟିଏ ଦୋକାନକୁ ଯାଇଥିଲି, ସେଠାରେ ପୁରୁଣା ବହି ସବୁ ବିକ୍ରି ହୁଏ ଓ ସେଠାରେ ମୁଁ "ଆହ୍ୱାନର ପ୍ରତିଧ୍ୱନି" ପତ୍ରିକାର ଗୋଟିଏ ପୁରୁଣା, ଛିନ୍ନ ପତ୍ରିକା ପାଇଲି । ମୁଁ ଏହାକୁ ପାଠ କରୁଥିବା ସମୟରେ, ପ୍ରଭୁ ମୋ' ସହିତ କଥା କହିଥିଲେ । ଦୟାକରି, ପୂର୍ବ ପତ୍ରିକାଗୁଡ଼ିକୁ ପ୍ରେରଣ କରନ୍ତୁ । ମୁଁ ତାହାର ଖର୍ଚ୍ଚ ବହନ କରିବି । ମୁଁ ଆପଣଙ୍କୁ ବ୍ୟକ୍ତିଗତଭାବେ ମଧ୍ୟ ସାକ୍ଷାତ୍ କରିବାକୁ ଇଚ୍ଛା କରୁଛି । ମୁଁ ଆପଣ ଯାତ୍ରା, ଖାଦ୍ୟ ଓ ରହିବା ଖର୍ଚ୍ଚ ମଧ୍ୟ ବହନ କରିବି । ଦୟାକରି ମାଲେସିଆକୁ ଆସନ୍ତୁ । ଆହୁରି ମଧ୍ୟ, ମୁଁ ସିଙ୍ଗାପୁର ଓ ଇଣ୍ଡୋନେସିଆରେ ଆପଣଙ୍କର ପ୍ରଚାର ନିମନ୍ତେ ବ୍ୟବସ୍ଥା କରିବି । ଆମେ ଆପଣଙ୍କ ଭଳି ଈଶ୍ୱରଙ୍କ ସେବକମାନଙ୍କୁ ଆବଶ୍ୟକ କରୁଅଛୁ । ଦୟାକରି ସଙ୍ଗେ ସଙ୍ଗେ ଉତ୍ତର ଦିଅନ୍ତୁ ।*

*ପ୍ରେମର ସହିତ*
*ପାଳକ ଦେବରାଜୁଲୁ*

ମୁଁ ଈଶ୍ୱରଙ୍କ ବିଶ୍ୱସ୍ତତା ଦ୍ୱାରା ଅତି ଉଲ୍ଲସିତ ହୋଇଥିଲି । ମୁଁ ଯେପରି ମୋର ଡାଇରୀରେ ଲେଖିଥିଲି, ସେହିପରି ପାଳକ ଦେବରାଜୁଲୁଙ୍କର ଆମନ୍ତ୍ରଣ ମାଧ୍ୟମରେ, ମୁଁ ୧୯୮୯ ଅଗଷ୍ଟ ମାସରେ ମାଲେସିଆକୁ ଯିବା ପାଇଁ ସମର୍ଥ ହୋଇଥିଲି । ମୁଁ ସିଙ୍ଗାପୁର ଓ ଇଣ୍ଡୋନେସିଆକୁ ମଧ୍ୟ ଯାତ୍ରା କରିଥିଲି ଓ ସେଠାରେ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ମାଧ୍ୟମରେ ପାପ, ଅଭିଶାପ ଓ ଦାରିଦ୍ର୍ୟରୁ ଉଦ୍ଧାର ସମ୍ବନ୍ଧୀୟ ବାର୍ତ୍ତା ଜଣାଇ ଶହ ଶହ ଲୋକଙ୍କ ନିକଟରେ ପ୍ରଚାର କରିଥିଲି । ଈଶ୍ୱର ଯେ କେବଳ ମୋତେ ପ୍ରଚାର କରିବାର ସୁଯୋଗ ଦେଇଥିଲେ, ତା' ନୁହେଁ, ମାତ୍ର ସେହି ସବୁ ଦେଶଗୁଡ଼ିକରେ ଈଶ୍ୱରଙ୍କ ଅନେକ ଦାସମାନଙ୍କ ସହିତ ସ୍ଥାୟୀ ବନ୍ଧୁତା ସ୍ଥାପନ କରିବା ପାଇଁ ମଧ୍ୟ ମୋତେ ସୁଯୋଗ ଦେଇଥିଲେ – ସେହି ବନ୍ଧୁତା ଆଜି ପର୍ଯ୍ୟନ୍ତ ଅବ୍ୟାହତ ରହିଛି ।

ସେହି ସମୟଠାରୁ, ପ୍ରଭୁ ମୋର ସେବାକାର୍ଯ୍ୟକୁ ସଂପ୍ରସାରଣ କରିଛନ୍ତି ଓ ଦକ୍ଷିଣ ଆଫ୍ରିକା, ଆମେରିକା, ଇଂଲଣ୍ଡ, ସ୍କଟଲ୍ୟାଣ୍ଡ, ଫ୍ରାନ୍ସ, ଜର୍ମାନୀ, ସ୍ୱିଜରଲ୍ୟାଣ୍ଡ, କାନାଡ଼ା, ଅଷ୍ଟ୍ରେଲିଆ ଓ ଶ୍ରୀଲଙ୍କା ଭଳି ଦେଶ ଗୁଡ଼ିକରେ ତାଙ୍କ ବାକ୍ୟ ପ୍ରଚାର କରିବା ପାଇଁ ମୋତେ ସମର୍ଥ କରିଛନ୍ତି । ହଜାର ହଜାର ଲୋକ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ମାଧ୍ୟମରେ ମିଳୁଥିବା ପରିତ୍ରାଣର ବାର୍ତ୍ତା ଶୁଣିଛନ୍ତି । ଆଜି ମୁଁ ବିଭିନ୍ନ ଦେଶରେ ପ୍ରଚାର କରିବା ପାଇଁ ଅସଂଖ୍ୟ ନିମନ୍ତ୍ରଣ ପାଉଅଛି, ମାତ୍ର ସମୟ ଅଭାବରୁ ସେହିସବୁ ଗ୍ରହଣ କରିପାରୁ ନାହିଁ । ଈଶ୍ୱର ମୋ' ଜୀବନରେ ଏତେ ପରିମାଣର ଆଶୀର୍ବାଦ କରିଛନ୍ତି ।

ପ୍ରିୟ ପାଠକ, ମୁଁ ଯେଉଁ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କର ସେବା କରୁଅଛି, ସେ ଏକମାତ୍ର ସତ୍ୟ ଈଶ୍ୱର ଅଟନ୍ତି । ସେ ପଥ, ସତ୍ୟ ଓ ଜୀବନ ଅଟନ୍ତି । ତାଙ୍କଠାରେ ବିଶ୍ୱାସ କରନ୍ତୁ । ତାଙ୍କ ନିକଟରେ ନିଜର ଜୀବନ ସମର୍ପଣ କରନ୍ତୁ । ଯଦି ଆପଣ ତାଙ୍କର ସେବା କରିବାର ଆହ୍ୱାନ ଅନୁଭବ କରୁଛନ୍ତି, ତେବେ ବିଶ୍ୱାସରେ ଅଗ୍ରସର ହୁଅନ୍ତୁ । ସେ ଅସାଧାରଣ ମାର୍ଗରେ ଆପଣଙ୍କୁ ଚାଳନା ଦେବେ ଓ ଆପଣଙ୍କୁ ପ୍ରଚୁର ଭାବରେ ଆଶୀର୍ବାଦ କରିବେ ।

**"ଯେ ଶୈଳକୁ ଜଳାଶୟ, ଚକ୍ମକି ପ୍ରସ୍ତରକୁ ନିର୍ଝର କଲେ"** (ଗୀତସଂହିତା ୧୧୪:୮) ।

*************

(ଅବଶିଷ୍ଟାଂଶ ୬ଷ୍ଠ ପୃଷ୍ଠାରେ)

ଏକ ଘଣ୍ଟିରୁ ଏକ ପଲ୍ଲବ ! ସେ ଅସ୍ତିତ୍ୱବିହୀନ ବିଷୟକୁ ଅସ୍ତିତ୍ୱ ମଧ୍ୟକୁ ଆହ୍ୱାନ କରନ୍ତି । ରୋମୀୟ ୪:୧୭ ଘୋଷଣା କରେ : "... (ଈଶ୍ୱର) ମୃତମାନଙ୍କୁ ସଜୀବ କରନ୍ତି ଓ ନ ଥିବା ବସ୍ତୁକୁ ଥିବା ବସ୍ତୁ ପରି ଡାକନ୍ତି ...।"

"ଈଶ୍ୱର ଆମ୍ଭମାନଙ୍କର ମାଗିବା ବା ଭାବିବାଠାରୁ ଅତ୍ୟଧିକ ପରିମାଣରେ ସାଧନ କରିପାରନ୍ତି" (ଏଫିସୀୟ ୩:୨୦) ।

ଆଶା ହରାନ୍ତୁ ନାହିଁ ! ଏକ ନୂତନ ଆରମ୍ଭ ଆପଣଙ୍କ ପାଇଁ ଅପେକ୍ଷା କରୁଅଛି । ଯଦି ଆପଣ ବିଶ୍ୱାସ କରିବେ, ତେବେ ଆପଣ ଈଶ୍ୱରଙ୍କର ଗୌରବ ଦେଖିବେ । ତାଙ୍କଠାରେ ବିଶ୍ୱାସ କରନ୍ତୁ, କାରଣ ଈଶ୍ୱର ସୀମିତ ନୁହଁନ୍ତି । ଆମେ ଅଦମନୀୟ ଆହ୍ୱାନଗୁଡ଼ିକର ସମ୍ମୁଖୀନ ହେଲେ ମଧ୍ୟ, ସେ ଅସମ୍ଭବକୁ ସମ୍ଭବ କରିବା ପାଇଁ ସମର୍ଥ ଅଟନ୍ତି ।

## T → ପ୍ରକୃତ ଦ୍ରାକ୍ଷାଲତା

## 5. THE TRUE VINE!

ପ୍ରକୃତ ଦ୍ରାକ୍ଷାଲତା, ଯୀଶୁ ଖ୍ରୀଷ୍ଟ ଆମକୁ ପ୍ରଚୁର ଭାବରେ ଜୀବନ ବାଟିବା ପାଇଁ ଓ ଈଶ୍ୱରଙ୍କ ଗୌରବ ନିମନ୍ତେ ଫଳ ଧାରଣ କରିବା ପାଇଁ ସାମର୍ଥ୍ୟ ଦେଇଛନ୍ତି । ଆମକୁ ଫଳପୂର୍ଣ୍ଣତା ନିମନ୍ତେ ତାଙ୍କ ଉପରେ ନିର୍ଭର କରିବାକୁ ହେବ । ଆମେ ଯେପରି ଈଶ୍ୱରଙ୍କର ସନ୍ତାନସନ୍ତତି ହୋଇ ପାରିବୁ ଓ ତାଙ୍କ ରାଜ୍ୟ ନିମନ୍ତେ ଫଳ ଧାରଣ କରିପାରିବୁ, ଏଥିପାଇଁ ଯୀଶୁ ଖ୍ରୀଷ୍ଟ ଜଗତ ମଧ୍ୟକୁ ଆସିଥିଲେ । "ତାଙ୍କ ବିନା ଆମେ କିଛି କରିପାରିବା ନାହିଁ" (ଯୋହନ ୧୫:୫) ।



ଯେଉଁମାନେ ତାଙ୍କଠାରେ ରହନ୍ତି, ସେମାନେ ପିତାଙ୍କୁ ଗୌରବାନ୍ୱିତ କରି ପ୍ରଚୁର ଫଳ ଧାରଣ କରନ୍ତି ।

ଶାଖା ଫଳପୂର୍ଣ୍ଣତା, ଅଭିବୃଦ୍ଧି ଓ ପ୍ରଚୁରତାର ପ୍ରତୀକ ଅଟେ । ଯୀଶୁ ଖ୍ରୀଷ୍ଟଙ୍କର ଅନୁଗାମୀ ଭାବରେ, ଆମକୁ ଏଥିପାଇଁ ଫଳ ଧାରଣ କରିବାକୁ ଆହ୍ୱାନ କରାଯାଇଛି ଯେପରିକି ସ୍ୱର୍ଗସ୍ଥ ପିତା ଗୌରବାନ୍ୱିତ ହେବେ । ଯୀଶୁ ଖ୍ରୀଷ୍ଟ ପ୍ରକୃତ ଦ୍ରାକ୍ଷାଲତା ଓ ତାଙ୍କର ଶିଷ୍ୟମାନେ ଶାଖା ଅଟନ୍ତି ବୋଲି ସେ ଶିକ୍ଷା ଦେଇଥିଲେ । ସେ ସେମାନଙ୍କୁ ତାଙ୍କଠାରେ ରହିବା ପାଇଁ ଉତ୍ସାହିତ କରିଥିଲେ, ତାଙ୍କ ବିନା ସେମାନେ କିଛି କରିପାରିବେ ନାହିଁ । ଯେଉଁମାନେ ତାଙ୍କଠାରେ ରହନ୍ତି, ସେମାନେ ପିତାଙ୍କୁ ଗୌରବାନ୍ୱିତ କରି ଅତ୍ୟଧିକ ଫଳ ଧାରଣ କରନ୍ତି (ଯୋହନ ୧୫) ।

ଏହି ସତ୍ୟ ପ୍ରତ୍ୟକ୍ଷ ଭାବରେ ପ୍ରକୃତ ଦ୍ରାକ୍ଷାଲତା ଯୀଶୁ ଖ୍ରୀଷ୍ଟଙ୍କ ଉପରେ ନିର୍ଭରଶୀଳତା ମାଧ୍ୟମରେ ଅଭିବୃଦ୍ଧି ଓ ଫଳପୂର୍ଣ୍ଣତା ସମ୍ବନ୍ଧୀୟ ଚିନ୍ତାଧାରାକୁ ପ୍ରତିଫଳିତ କରେ ।

ଆପଣ ଯିଶାଇୟ ୧୧:୧ ଉପରେ ଅନୁଚିନ୍ତା କରୁଥିବା ସମୟରେ, ଈଶ୍ୱର ଯେପରି ଆପଣଙ୍କ ଜୀବନ, ଆପଣଙ୍କ ପରିବାର, ଆପଣଙ୍କ ସେବାକାର୍ଯ୍ୟ ଓ ଆପଣଙ୍କ କାର୍ଯ୍ୟସ୍ଥଳ ମଧ୍ୟରେ ଏକ ନୂତନ ପଲ୍ଲବ ଅଙ୍କୁରିତ କରିବେ, ଏହା ମୋର ପ୍ରାର୍ଥନା ଅଟେ । ଏହି ଛୋଟ ଅଥଚ ଗୁରୁତ୍ୱପୂର୍ଣ୍ଣ ପଲ୍ଲବ ପରିବର୍ତ୍ତନ ଓ ନୂତନୀକରଣ ଉତ୍ପନ୍ନ କରିବ ।

ଏହି ବର୍ଷ ଆପଣଙ୍କ ଜୀବନରେ ଯେପରି ଏକ ନୂତନ ଆରମ୍ଭ ଅଙ୍କୁରିତ ହେବ, ଏଥିପାଇଁ ମୁଁ ପ୍ରାର୍ଥନା କରୁଅଛି । ଆପଣ ସମସ୍ତ ଆଶାର ଉତ୍ସଙ୍କଠାରେ ବିଶ୍ୱାସ କରନ୍ତୁ । ସେ ପ୍ରତ୍ୟେକ କ୍ଷତିପୂରଣ କରିବେ ଓ ଭସ୍ମରୁ ସୌନ୍ଦର୍ଯ୍ୟ ଆଣିବେ । ସେ ପୁନରୁଦ୍ଧାରର ଈଶ୍ୱର ଅଟନ୍ତି ଓ ନୂତନ ଆରମ୍ଭ ପାଇଁ ଦ୍ୱାର ଉନ୍ମୁକ୍ତ କରନ୍ତି ।

ଏହି ବର୍ଷ ଯେପରି ଆପଣଙ୍କ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଏକ ନୂତନୀକରଣ ଓ ଫଳପୂର୍ଣ୍ଣତାର ବର୍ଷ ହେବ, ଏଥିପାଇଁ ମୁଁ ପ୍ରାର୍ଥନା କରୁଅଛି । ଆପଣ ତାଙ୍କଠାରେ ରହିବା ସମୟରେ, ବୃଦ୍ଧି ଓ ପ୍ରଚୁରତାର ଅନୁଭୂତି ପାଆନ୍ତୁ । ତାଙ୍କଠାରେ ବିଶ୍ୱାସ କରନ୍ତୁ ଓ ଆପଣ ପିତାଙ୍କ ପ୍ରତି ଗୌରବ ଆଣୁ ଆଣୁ ଅତ୍ୟଧିକ ଫଳ ଧାରଣ କରିବେ ।

************


# ଆମେ ଅତିଶୀଘ୍ର ଆବଶ୍ୟକ କରୁଅଛୁ

**ଆହ୍ୱାନର ପ୍ରତିଧ୍ୱନି କ୍ଷିପ୍ରଗତିରେ ସଂପ୍ରସାରିତ ହେଉଅଛି । ଆମେ ନିମ୍ନଲିଖିତ ପଦବୀଗୁଡ଼ିକ ନିମନ୍ତେ ମିଶନ-ମନୋଭାବ ବିଶିଷ୍ଟ, ସମର୍ପିତ ଓ ବିଶ୍ୱସ୍ତ ପୁରୁଷ ଓ ମହିଳାମାନଙ୍କୁ ଆବଶ୍ୟକ କରୁଅଛୁ :**

- ଆମର ମୁଖ୍ୟ ମଣ୍ଡଳୀ ନିମନ୍ତେ ସଂପୂର୍ଣ୍ଣ ସମୟ ସହଯୋଗୀ ପାଳକଗଣ ।
- ଚେନ୍ନାଇସ୍ଥିତ ଆମର ଶାଖା ମଣ୍ଡଳୀ ଗୁଡ଼ିକ ପାଇଁ ସଂପୂର୍ଣ୍ଣ ସମୟ ସହଯୋଗୀ ପାଳକଗଣ ।
- ସଂପୂର୍ଣ୍ଣ ସମୟ ସୁରକ୍ଷା କର୍ମୀ ।
- ଡିଟିପି ଅପରେଟର ଓ ଟାଇପିଷ୍ଟ ।
- ଇଂରାଜୀ ଓ ଅନ୍ୟ ଭାଷାଗୁଡ଼ିକୁ କହିବାରେ ଓ ଲେଖିବାରେ ଦକ୍ଷ ଲୋକମାନେ ।
- ପ୍ରଶାସନରେ ଆଗ୍ରହୀ ଅଫିସ୍ ପରିଚାଳକମାନେ ।
- ସଂପୂର୍ଣ୍ଣ ସମୟ ବାଇବଲ କଲେଜ ଅଧ୍ୟାପକମାନେ ।
- ଆମର ସେବାକାର୍ଯ୍ୟର ବିକାଶ କରିପାରୁଥିବା ସ୍ୱେଚ୍ଛା ସେବୀମାନେ ।
- ସଂପୂର୍ଣ୍ଣ ସମୟ ଡ୍ରାଇଭର୍ ।
- ମ୍ୟାଟ୍ରିକ୍ୟୁଲେସନ ସ୍କୁଲ ପାଇଁ ଅଧ୍ୟକ୍ଷ ଓ ଶିକ୍ଷକଗଣ ।
- ସଂପୂର୍ଣ୍ଣ ସମୟ ରାନ୍ଧୁଣିଆ (ମହିଳା) ।
- ସଂପୂର୍ଣ୍ଣ ସମୟ ଗୃହ ସହାୟକ କର୍ମଚାରୀ ।

ଯୋଗ୍ୟତା ଓ ଅନୁଭୂତି ଉପରେ ଦରମା ଦିଆଯିବ

Please Contact **ECHO OF HIS CALL** office
**Apply at Whatsapp No : 98412 71858**
**Email : sam@echoofhiscall.org**

RNI NO. 70105/98, Postal Regn. No. TN/CH/(C)/198/24-26 WPP NO. TN/PMG(CCR)/WPP-265/24-26

## ଆହ୍ୱାନର ପ୍ରତିଧ୍ୱନି

**YouTube**
Please subscribe

ଦୟାକରି ଆପଣଙ୍କ ସମୟ ଅନୁସାରେ ''ଆହ୍ୱାନର ପ୍ରତିଧ୍ୱନି ୟୁ-ଟ୍ୟୁବ୍ ଚ୍ୟାନେଲ୍ ଦେଖନ୍ତୁ ଓ ଏହାର ସଭ୍ୟ ହୁଅନ୍ତୁ ।

–ସଂପାଦକ –

## OUR BANK DETAILS:

***1. Bank : State Bank of India***

| | |
|---|---|
| Branch | : **Triplicane, Chennai-5** |
| Name | : **S. Sam Selva Raj** |
| A/C No. | : **1023 2934 679** |
| IFSC | : **SBIN 00 00 249** |
| SWIFT CODE | : **SBI NIN BB 455** |

***2. Bank : ICICI Bank***

| | |
|---|---|
| Branch | : **Anna Salai, Chennai-6** |
| Name | : **Echo of His Call** |
| A/C No. | : **6038 0502 2319** |
| IFSC | : **ICIC 000 6038** |

***3. Bank : State Bank of India***

(This Account is for Tax Exemption for Indians only )

| | |
|---|---|
| Branch | : **Triplicane, Chennai-5** |
| Name | : **Echo of His Call Educational Trust** |
| A/C No. | : **1023 2923 805** |
| IFSC | : **SBIN 00 00 249** |

**Google Pay: 98410 71858**
**PayPal : SAM SELVA RAJ**
*****
E.mail : sam@echoofhiscall.org

# ଆହ୍ୱାନର ପ୍ରତିଧ୍ୱନି

୧୬ଟି ଭାଷାରେ ମାସିକ ପତ୍ରିକା, ବାଇବଲ କଲେଜ, ଡାକ ମାଧ୍ୟମରେ ପାଠ୍ୟକ୍ରମ, ମଣ୍ଡଳୀ ପ୍ରତିଷ୍ଠା, ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ, ସୁସମାଚାର ଛାପାକଳ, ସୁସମାଚାର ପ୍ରଚାର ଅଭିଯାନ, ଶିକ୍ଷାଧିବେଶନ, ସାମାଜିକ ସେବା, ଇତ୍ୟାଦି ।

ବାର୍ଷିକ ଦେୟ – ଟ. ୧୦୦/– ଆଜୀବନ ସଭ୍ୟଚାନ୍ଦା – ଟଙ୍କା ୨୦୦୦

ଆହ୍ୱାନର ପ୍ରତିଧ୍ୱନି ବହୁମୁଖୀ ସେବାକାର୍ଯ୍ୟ ଆପଣଙ୍କ ଭଳି ଈଶ୍ୱରଙ୍କ ସନ୍ତାନମାନଙ୍କର ସ୍ୱେଚ୍ଛାଦାନ ଓ ଚାନ୍ଦା ଦ୍ୱାରା ସାହାଯ୍ୟପ୍ରାପ୍ତ ଅଟେ । ପ୍ରଭୁଙ୍କ ଚାଳନା ଅନୁସାରେ ଆପଣ 'ଆହ୍ୱାନର ପ୍ରତିଧ୍ୱନି' ଓ ଏହା କାର୍ଯ୍ୟକଳାପକୁ ସହାୟତା ଦେଇପାରିବେ । ଆମେ ସୁସମାଚାର ପାଇ ନ ଥିବା ଲୋକମାନଙ୍କ ନିକଟରେ ଏହାକୁ ପହଞ୍ଚାଇବା ପାଇଁ ଓ ମଣ୍ଡଳୀ ପ୍ରତିଷ୍ଠା କରିବା ପାଇଁ ଆପଣମାନଙ୍କର ସାହାଯ୍ୟ ଆବଶ୍ୟକ କରୁଅଛୁ ।

ଯଦି ଆପଣମାନେ ନିୟମିତ ଭାବରେ ''ଆହ୍ୱାନର ପ୍ରତିଧ୍ୱନି'' ପାଇବାକୁ ଚାହୁଁଛନ୍ତି, ତେବେ ଦୟାକରି ଆମକୁ ଲେଖନ୍ତୁ । ଆପଣମାନେ ଆପଣମାନଙ୍କର ଠିକଣା କିମ୍ବା ଇ-ମେଲ୍ ପରିବର୍ତ୍ତନ କଲେ, ଦୟାକରି ଆମକୁ ଉଭୟ ପୁରୁଣା ଓ ନୂଆ ଠିକଣା ପଠାଇବେ ।

ଆମର ୱେବସାଇଟରେ ମଧ୍ୟ ''ଆହ୍ୱାନର ପ୍ରତିଧ୍ୱନି'' ୧୬ଟି ଭାଷାରେ ଉପଲବ୍ଧ ଅଟେ । ଆପଣମାନେ ସେହି ସାଇଟ୍‌ରେ ଏହାକୁ ପଢ଼ିପାରିବେ କିମ୍ବା ଏହାକୁ ଡାଉନ୍‌ଲୋଡ୍ କରି ଆଶୀର୍ବାଦ ପାଇପାରିବେ ।

ଆପଣମାନଙ୍କର ପତ୍ର, ପ୍ରାର୍ଥନା ଅନୁରୋଧ ଓ ଆପଣଙ୍କ ଅର୍ଥ ସାହାଯ୍ୟ (Money order, Cheque or Demand Drafts, NEFT, Paypal (Sam Selva Raj, sam@echoofhiscall.org), PhonePe (9841071858), Gpay (9841071858), Western Union, Money Gram ଇତ୍ୟାଦି ନିମ୍ନଲିଖିତ ଠିକଣାରେ ''ଆହ୍ୱାନର ପ୍ରତିଧ୍ୱନି'' କାର୍ଯ୍ୟାଳୟକୁ ପ୍ରେରଣ କରନ୍ତୁ ।

ଦୟାକରି ଆପଣଙ୍କର ନୂତନ ଲ୍ୟାଣ୍ଡ ଫୋନ/ମୋବାଇଲ୍ ଫୋନ୍ ନମ୍ବର ଓ ଇ-ମେଲ ଠିକଣା ଜଣାନ୍ତୁ ।

**ଆମର ଠିକଣା :**

**ECHO OF HIS CALL**
10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA
PH: (+91-44) 2852 8282, 2852 9293, 2854 7766/ Cell: (+91) 98410 71852, 95661 31858 / E.mails: sam@echoofhiscall.org / biblecor@yahoo.co.in
Websites: www.echoofhiscall.org / www.stpaulsmatriculation.com

**YOU CAN SEND YOUR DONATION ONLINE ALSO**

Regd. with the RNI No. 70105/98
Licenced to post without pre-payment
Postal Regn. No. TN/CH (C) /198/24-26
Licence No. WPP No. TN/PMG(CCR)/WPP-265/24-26
Date of Publication: Third week of every month
Date of Posting : 17th & 18th of every month
Posted at "Egmore RMS / 1 Patrika Channel"
on 18th MARCH 2025.
If un-delivered please return to:
ECHO OF HIS CALL (ODIA)
P.O. Box No. 2957, Chepauk, Chennai - 600 005, INDIA.
Phone: (+ 91- 44) 2852 8282, 2852 9293, 2854 7766

***JESUS LOVES YOU!***

**To**

*GOD BLESS YOU!*

Owned and published by S. Sam Selva Raj from New No. 8 & 10, Old No.18 & 19, Mohammed Abdullah 2nd Street, Chepauk, Chennai-600 005 and printed by S. Sam Selva Raj at Echo of His Call Printers, New No. 8 & 10, Old No.18 & 19, Mohammed Abdullah 2nd Street, Chepauk, Chennai-600 005. Editor: S. Sam Selva Raj.